# ଭୁବନେଶ୍ୱର ସିଟି



## ନାମ ପରିବର୍ତ୍ତନ ଦିନଠାରୁ ବିବାଦରେ ବସ୍ ସେବା

# ସରକାରଙ୍କ 'ଆମ ବସ୍'; ଲୋକେ ଡାକୁଛନ୍ତି ଯମ ବସ୍

ଭୁବନେଶ୍ୱର, ୨୩।୧(ସମିସ): ଆମ ବସ୍‌ର ନାମ ପରିବର୍ତ୍ତନ ହେବା ଦିନଠାରୁ ଏହା ଉପରେ ବିବାଦ ବାଦଲ ଘେନେଇଛି। ବସ୍ ନିୟମିତ ଭାବେ ଲୋକଙ୍କୁ ଚଢାଉଛି। ଡ୍ରାଇଭର ଲୋକଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି। ଲୋକଙ୍କ ଆକ୍ରୋଶ ରାତି ପର୍ଯ୍ୟନ୍ତ ଏହି ବସ୍ କେଉଁଠି କାହାକୁ ଦୁର୍ଘଟଣା ଘଟାଇଲାଣି ତ ଆଉ କେଉଁଠି ନିଜେ ଦୁର୍ଘଟଣା ହୋଇ ଯାତ୍ରୀମାନଙ୍କୁ ହନ୍ତସନ୍ତ କଲାଣି। ବସ୍ ଭିତରେ କର୍ମଚାରୀ ଯାତ୍ରୀଙ୍କୁ ମାଡ଼ ଗୋଇଠା, ବିଧା ଚାପୁଡା ମାରୁଛନ୍ତି। ତଥ୍ୟ ମୁତାବକ ଗତବର୍ଷକ ମଧ୍ୟରେ ଆମ ବସ୍ ୩୫ଟି ଦୁର୍ଘଟଣା ଘଟାଇଛି। ଏଥିରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ୪୦ ଜଣ ଗୁରୁତର ଭାବେ ଆହାତ ହୋଇ ପଙ୍ଗୁ ହୋଇଛନ୍ତି। ନନ୍ଦନକାନନ ରୋଡ଼, ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ଛକ, ଖଣ୍ଡଗିରି ଛକ, ରଘୁନାଥପୁର, ଜନପଥର ୟୁକୋ ବ୍ୟାଙ୍କ ସାମ୍ନାରେ ଘଟିଥିବା ଦୁର୍ଘଟଣାରେ ଅନେକ ମୃତାହତ ହୋଇଛନ୍ତି।

ବିଜେପି ନୂଆ ସରକାରଙ୍କୁ ଏକ ଉତ୍ତମ ବସ୍ ସେବା ହସ୍ତାନ୍ତର କରାଯାଇଥିଲା। ସରକାର ଏହାକୁ ଅଧିକ ଆଗକୁ ନେବା କଥା। ହେଲେ ବିଭାଗୀୟ ମନ୍ତ୍ରୀ କୃଷ୍ଣ ପ୍ରସାଦ ମହାପାତ୍ର ଦାୟିତ୍ୱ ନେବା ପରେ କେବଳ ବସ୍ ସେବାର ନାମ ବଦଳାଇ ଦେଲେ। ମୋ ବସ୍ ହୋଇଗଲା ଆମ ବସ୍। ପୂର୍ବ ସରକାରଙ୍କୁ ଶ୍ରେୟ ନ ଦେବା ପାଇଁ ଏଭଳି କଲେ ବୋଲି ଚର୍ଚ୍ଚା ହେଉଛି। ହେଲେ ଏବେ ଦାୟିତ୍ୱ ସମ୍ଭାଳି ପାରୁ ନାହାନ୍ତି। ସହରବାସୀଙ୍କ ଲାଇଫ୍ ଲାଇନ୍‌କୁ ପାଲଟିଥିବା ବସ୍ ସେବା ଆମ ବସ୍ ନାମରେ ଲୋକଙ୍କୁ ଦୁର୍ଘଟଣା କରି ଦୁର୍ଣ୍ଣାମ ଅର୍ଜିବାରେ ଲାଗିଛି। କିଏ ଏହାକୁ କିଲିଂ ମେସିନ୍ କହୁଛି। କିଏ ଏହାକୁ ଯମ ବୋଲି କହୁଛି। ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ପରେ ଆମ ବସ୍‌କୁ ଲୋକେ ଯମ ବୋଲି ଡାକିଲେ। ଯମ ବସ୍ ନାମରେ ପାତ୍ରପଡ଼ା ବସ୍ ଡିପୋରେ ପଣ୍ଡିତ ଆଣି ପୂଜା କରିଦେଲେ। ଆମ ବସ୍‌କୁ ଯମ ବସ୍ ବୋଲି ସମ୍ବୋଧନ କରାଯାଉଥିଲେ ମଧ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମହାପାତ୍ରଙ୍କ ମୁହଁ ଏବେ ଚୁପ୍ ହୋଇଯାଇଛି। କେବଳ ଯାତ୍ରୀ କିମ୍ବା ସହରବାସୀ ନୁହନ୍ତି ଆମ ବସ୍‌କୁ ନେଇ ଖୋଦ୍ ଏହାର କର୍ମଚାରୀ ମଧ୍ୟ ଖୁସି ନାହାନ୍ତି।



- ବର୍ଷକ ରେ ୧୨ ମୃତ, ୪୦ ପଙ୍ଗୁ
- ଦିନେ ପୁରସ୍କୃତ ହୋଇ ଚର୍ଚ୍ଚିତ ଥିଲା
- ଏବେ ଲୋକଙ୍କୁ ମାରିବାରେ ଦୁର୍ନାମ କମାଉଛି
- ବଡ଼ ଅଧିକାରୀଙ୍କ ଘନଘନ ବୈଠକ ଫଳଶୂନ୍ୟ

ନେଡି ଗୁଡ଼ କହୁଣିକୁ ବହି ଗଲାଣି। ସରକାରଙ୍କ ନିରବତା ଆଉ ପ୍ରଶାସନିକ ବିଫଳତା ଲୋକଙ୍କୁ ଅତିଷ୍ଠ କରି ଦେଉଛି। ବସ୍‌କୁ ଦେଖିଲେ ଡର ଲାଗୁଛି। ଚଢାଇଦେବାର ଅଶଙ୍କା ସୃଷ୍ଟି ହେଉଛି। ଲୋକେ ନିୟମିତ ଭାବେ ବସ୍ ଭାଙ୍ଗୁଥିଲେ। ଏବେ ଚଳନ୍ତା ଗାଡିକୁ ଢେଲା ମାରି ବସ୍ ସେବା ଠପ୍ କରିଦେବାକୁ ଚାହୁଁଛନ୍ତି।

କିଛି ବର୍ଷ ତଳେ କ୍ରୁଟ୍ ଦ୍ୱାରା ପରିଚାଳିତ ବସ୍ ସେବା କେନ୍ଦ୍ର ସରକାରଙ୍କ ଠାରୁ ଗୋଟିଏ ପରେ ଗୋଟିଏ ପୁରସ୍କାର ପାଇ ସୁନାମ ଅର୍ଜନ କରିଥିଲା। ଏହାସହ ଟୁଇନ୍‌ସିଟିବାସୀଙ୍କ ଲାଇଫ୍ ଲାଇନ୍ ପାଲଟିଥିଲା। ହେଲେ ମାତ୍ର ୨ବର୍ଷ ମଧ୍ୟରେ ଏହି ବସ୍ ସେବା ମଣିଷମରା ମେସିନ୍ ନାମରେ ପରିଚିତ ହୋଇଗଲା। ସକାଳୁ

### ଗୋଟିଏ ଦିନରେ ଉଚ୍ଚସ୍ତରୀୟ ବୈଠକ ନିଷ୍ପତ୍ତିକୁ ଫୁ

ଆମ ବସ୍ ଦୁର୍ଘଟଣା ରୋକିବାକୁ ନେଇ ଉଚ୍ଚସ୍ତରୀୟ ବୈଠକ ବସିଲା। ଏଥିରୁ ବହୁସଂଖ୍ୟାରେ ନିଷ୍ପତ୍ତିକୁ ଭବିଷ୍ୟତରେ କାର୍ଯ୍ୟକାରୀ କରିବାକୁ ଛାଡି ଦିଆଗଲା। କିଛି ନିଷ୍ପତ୍ତି ଯେପରି କମ୍ ସ୍ପିଡ୍‌ରେ ଗାଡି ଚାଳନା। ଲେନ୍ ଡ୍ରାଇଭିଂ ଉପରେ ଗୁରୁତ୍ୱ ଦିଆଗଲା। ହେଲେ ଡ୍ରାଇଭରମାନେ ଏହାକୁ ଗୋଟିଏ ଘଣ୍ଟା ମଧ୍ୟରେ ଫୁ କରିଦେଲେ। ଲେନ୍ ଡ୍ରାଇଭିଂର କୌଣସି ଗନ୍ଧ ବାରି ହେଉ ନାହିଁ। ଚାଳକମାନେ ଓଭର ସ୍ପଡ୍ ଡ୍ରାଇଭିଂ କରୁଥିବା ବହୁ ସଂଖ୍ୟାରେ ଲୋକେ ନିୟମିତ ଭାବେ ଅଭିଯୋଗ କରୁଛନ୍ତି।

### ମଦ୍ୟପ ଚଳାଉଛନ୍ତି ବସ୍

ମଦ୍ୟପ ଚାଳକଙ୍କ ହାତରେ ରହିଛି ବସ୍ ଷ୍ଟିୟରିଂ। ଏକାଧିକ ବାର ଏହି ଡ୍ରାଇଭର ଧରା ପଡ଼ିଲେଣି। ହେଲେ ନିଶାଶକ୍ତ ଡ୍ରାଇଭରଙ୍କ ନିୟମିତ ଯାଞ୍ଚ ହେଉ ନାହିଁ। କେବଳ ଦୁର୍ଘଟଣା ଘଟିଲେ ଯାଞ୍ଚ ମନେ ପଡୁଛି। ନ ହେଲେ ନାହିଁ। ପୂର୍ବରୁ କ୍ରୁଟ୍ ପକ୍ଷରୁ ଏହି ଯାଞ୍ଚ କରାଯାଉଥିଲା। ରୂପାଲି ଛକ ଦୁର୍ଘଟଣା ପରେ କ୍ରୁଟ୍ ବଦଳରେ ପୁଲିସ ଏବଂ ପରିବହନ ବିଭାଗ ଡ୍ରାଇଭରଙ୍କ ଯାଞ୍ଚ କଲା। ଲୋକ ଦେଖାଣିଆ ଗୋଟିଏ କିମ୍ବା ୨ଦିନ ଯାଞ୍ଚ ପରେ ପୁଣି ପୂର୍ବାବସ୍ଥାକୁ ଫେରି ଆସିଲା।

### ଆମ ବସ କର୍ମଚାରୀଙ୍କ ଆନ୍ଦୋଳନ

ଦରମା ନମିଳିବାରୁ ଆମ ବସ୍ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ। ଯଦି ଦେଖିବା ତେବେ ଗତ ବର୍ଷ ମେ ମାସ ୧୩ ତାରିଖରେ କର୍ମଚାରୀମାନେ ଦରମା ନପାଇବା ପାଇଁ ଆନ୍ଦୋଳନ କରିଥିବା ବେଳେ ସେପ୍ଟେମ୍ବର ୧୩ ତାରିଖରେ ମଧ୍ୟ ପୋଖରୀପୁଟ ଆମ ବସ୍ ଡିପୋରୁ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ।



### ଉଚ୍ଚସ୍ତରୀୟ ବୈଠକର ଫଳାଫଳ କ'ଣ

ବାରମ୍ବାର ଦୁର୍ଘଟଣାକୁ ନଜରରେ ରଖି କ୍ରୁଟ ପକ୍ଷରୁ ଗତ ୧୪ ତାରିଖରେ ଏକ ଆମ ବସ୍ ସେବା ସମ୍ପର୍କିତ ଗଠିତ ଉଚ୍ଚସ୍ତରୀୟ କମିଟି ବୈଠକ ଗଠନ କରାଯାଇଥିଲା। ଏହି ବୈଠକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍ ପରିଚାଳନା ଅଧିକାରୀ ସଞ୍ଜୟ ବିଶ୍ୱାଳ, ଡିସିପି, କମିଶନରେଟ୍ ପୁଲିସ୍, ଟ୍ରାଫିକ ଡିସିପିଙ୍କୁ ନେଇ ଗଠିତ ହୋଇଥିଲା। ୧୫ ଦିନରେ ଥରେ ଆମବସ୍ ଚଳାଚଳ ସମ୍ପର୍କରେ ସମୀକ୍ଷା କରାଯିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ହେଲେ ସପ୍ତାହରେ ହୋଇନାହିଁ ପୁଣି ଆମ ବସ ଦୁର୍ଘଟଣାର ଶିକାର ହୋଇଛି। ଏହି ବୈଠକରେ ଚଳିତ ମାସର ପ୍ରଥମ ଦୁଇ ସପ୍ତାହରେ ଆମ ବସ୍ ଗୁଡ଼ିକର ସ୍ପିଡ୍ ଲିମିଟ୍‌ର ଅନୁଧ୍ୟାନ କରାଯାଇଥିବା ସମ୍ପର୍କରେ ଆଲୋଚନା ସହ ଆମ ବସ୍ ନୀୟମ ଭଙ୍ଗ, ବସ ଷ୍ଟପ ମାନଙ୍କରେ ଆମ ବସ ରହଣି ସମୟ, ଯାତ୍ରୀ ଅନୁକୂଳ ଆମ ବସ୍ ସେବା ଏବଂ ଚାଳକମାନଙ୍କ ସାମଗ୍ରୀକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା ହେଲେ ସାପ୍ତହଟେ ହୋଇନାହିଁ ପୁଣିଥରେ ଆମ ବସ୍ ଦୁର୍ଘଟଣା ହୋଇଛି।

### ଫେବୃୟାରୀରୁ ଜନସାଧାରଣଙ୍କ ସହଭାଗିତା

-ଆସନ୍ତା ଫେବୃୟାରୀରୁ ଆରମ୍ଭ ହେବ ଆମ ବସ୍ ରୁଟରେ ଜନ ସାଧାରଣଙ୍କ ସହଭାଗିତା। ସାମାଜିକ ଗଣମାଧ୍ୟମରୁ ସାଧାରଣ ଯାତ୍ରୀଙ୍କଠୁ ମଗାହେବ ରୁଟ୍ ପରିବର୍ତ୍ତନ ଉପରେ ମତାମତ। ହେଲେ ସହରରେ ବାରମ୍ବାର ଆମ ବସ୍ ଦୁର୍ଘଟଣା ହେଉଥିବାରୁ ଲୋକମାନେ ରୁଟ ପରିବର୍ତ୍ତନ ପାଇଁ ମତାମତ ଦେବେ କି ନାହିଁ ଏହି ଉପରେ ମଧ୍ୟ ଏକ ଅନିଶ୍ଚିତତା ଦେଖା ଦେଇଛି।(

# ଗୋଷ୍ଠୀ ସଂଘର୍ଷରୁ ବୁଲିଲା ଖଣ୍ଡା

● ୩ ଆହତ, ଜଣେ ଗୁରୁତର

ଭୁବନେଶ୍ୱର, ୨୩।୧(ସମିସ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କେଲୁଚରଣ ପାର୍କ ନିକଟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଉଗ୍ର ରୂପ ନେଇଛି। ଲାଇଟ୍‌ମରାକୁ କେନ୍ଦ୍ର କରି ରାତିଅଧରେ ଖଣ୍ଡା ବୁଲିଛି। ଖଣ୍ଡା ଚୋଟର ଶିକାର ହୋଇଥିବା ସୋନୁ ମହାନ୍ତି ନାମକ ଯୁବକଙ୍କୁ ଦୁର୍ବୃତ୍ତମାନେ ଏକାଧିକ ବାର ଖଣ୍ଡା ଚୋଟ ଦେଇ ଲହୁଲୁହାଣ କରିଦେଇଛନ୍ତି। ତାଙ୍କ ମୁଣ୍ଡ, ଛାତି ବେକରେ ଗଭିର ଚୋଟ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋନୁଙ୍କ ସମେତ ଆଉ ୨ଜଣ ଆହତ ହୋଇଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଅଞ୍ଚଳର ଏକ ଆବାସ କଲୋନୀରେ ସୋନୁ ରହୁଥିଲେ। ସେ ତାଙ୍କ ସାଙ୍ଗମାନଙ୍କ ସହ କେଲୁଚରଣ ପାର୍କ ନିକଟରେ ଏକତ୍ରିତ ହୋଇଥିଲେ। ଗାଡକଣ ଅଞ୍ଚଳରେ ରହୁଥିବା ତାଙ୍କ ବିପରିତ ଗୋଷ୍ଠୀର କିଛି ଯୁବକ ଆସି ସେଠାରେ ଲାଇଟ୍ ମାରିଥିଲେ। ଏହାକୁ ସୋନୁ ଏବଂ ତାଙ୍କ ସହଯୋଗୀମାନେ ବାରଣ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ବିପରିତ ଗୋଷ୍ଠୀର ଯୁବକମାନେ ସେଠାରୁ ଚାଲିଯାଇଥିଲେ। ପୁଣି ଥରେ ଫେରି ଅନ୍ୟ କିଛି ସହଯୋଗୀଙ୍କ ସହ ମିଶି ଖଣ୍ଡାରେ ଆକ୍ରମଣ କରିଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

● ଶ୍ରୀପଞ୍ଚମୀ ପଡ଼ିଆକୁ ଯାତ୍ରା କଲେ ଲିଙ୍ଗରାଜ

# ରୁକୁଣା ରଥ କାଠ ଅନୁକୂଳ



ଭୁବନେଶ୍ୱର, ୨୩।୧(ସମିସ): ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଦେବଦଳନ ରଥଯାତ୍ରାର ଆଦ୍ୟରୀତି, ରୁକୁଣା ରଥକାଠର ଅନୁକୂଳ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀପଞ୍ଚମୀ ପଡ଼ିଆ ବାବାସୂକ୍ଷ୍ମେଶ୍ୱର ତୀର୍ଥ ସଂଲଗ୍ନ ଅଭିମୁଖେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବଡ଼ଦେଉଳରୁ ପଟୁଆର ସହ ବିଜେ ହୋଇଥିଲେ। ଶ୍ରୀପଞ୍ଚମୀ ଦିନ ଦ୍ୱିପ୍ରହର ଧୂପ ଶେଷ ହେବା ପରେ ଯାତ୍ରାପୂଜା ଆରମ୍ଭ ହୋଇଥିଲା। ମନ୍ଦିର ପ୍ରଶାସନ ତରଫରୁ ସେବାୟତମାନେ ସୁସଜ୍ଜିତ ପାଲିଙ୍କି ବିମାନ ଯୋଗେ ଚଳନ୍ତି ପ୍ରତିମାଙ୍କୁ ଶ୍ରୀରାମନଗରସ୍ଥିତ ଶ୍ରୀପଞ୍ଚମୀ ପଡ଼ିଆ ଅଭିମୁଖେ ଦିଅଁଙ୍କୁ ନେଇଥିଲେ। ସେଠାରେ ମହାପ୍ରଭୁଙ୍କୁମ ସ୍ନାନ କରାଯିବା ସହ ଆଳତି କରାଯାଇ ଯାତ୍ରା ପୂଜା ଅନୁଷ୍ଠିତ ହୋଇଥିଲ। ଯାତ୍ରାପୂଜା ସମ୍ପନ୍ନ ପରେ ଦିଅଁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ମନ୍ଦିର ପ୍ରତ୍ୟାବର୍ତ୍ତନ ସମୟରେ ଶ୍ରୀରାମନଗରସ୍ଥିତ ଶଙ୍କର ଜଗନ୍ନାଥ ତୀର୍ଥଗ୍ରାମୀ ମଠ ପାଚେରି କଡ଼ ରାସ୍ତା ଉପରେ ଦିଅଁଙ୍କ କାଠ ଅନୁକୂଳ ହୁଏ। ହେଲେ ଆମ୍ବ ଗଛ ନଥିବାରୁ ଦିଅଁ ବସିବା ସ୍ଥାନ ସାମ୍ନାରେ ରହୁଥିବା ଏକ ସ୍ଥାନୀୟ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଆମ୍ବଗଛକୁ ମହାରଣା ସେବାୟତ କୁରାଢ଼ି ପୋଲ କାଠ ଅନୁକୂଳ କରିଥିଲେ।

# ହିଂସାତ୍ମକ ଆକ୍ରମଣକୁ କ୍ରୁଟ୍‌ର ନିନ୍ଦା

ଭୁବନେଶ୍ୱର, ୨୩।୧(ସମିସ): ଅଶୋକ ନଗର ବସ୍ ଷ୍ଟପ୍ ନିକଟରେ ଅପରାହ୍ନ ପ୍ରାୟ ୨.୧୫ ସମୟରେ ରୁଟ୍ ୮୨ ର 'ଆମ ବସ୍' (ଓଡି ୦୫ ସିଏ ୧୩୫୩) ନମ୍ବର ବସ ୧୦ ଜଣ ଯାତ୍ରୀଙ୍କୁ ନେଇ ମାଷ୍ଟର କ୍ୟାଣ୍ଟିନ୍ ଟର୍ମିନାଲ ନିକଟରେ ରାଜ ମହଲରେ ଅଟକିଥିଲା। ସେହି ସମୟରେ ଡାହାଣ ପାର୍ଶ୍ୱରୁ ହଠାତ୍ ଏକ ଦୁଇ ଚକିଆ ଗାଡ଼ି ବିପରୀତ ଦିଗରୁ ଆସି ବସ ପାଖ ଦେଇ ଯିବାକୁ ଚେଷ୍ଟା କରିଥିଲା। ପାଖରେ ଗୋଟିଏ ଅଟୋ ରିକ୍ସା ଯାଉଥିବାରୁ ସେଠାରେ ସ୍ଥାନ କମ୍ ରହିଥିଲା। ସେଠାରେ ସ୍ଥାନ କମ୍ ରହିଥିବାରୁ ଦୁଇ ଚକିଆ ଗାଡ଼ିଟି ଭାରସାମ୍ୟ ହରାଇ ବସ ସହିତ ମାଡ ହୋଇ ପଡ଼ିଗଲା। ଏଥିରେ ବାଇକ ଆରୋହୀ ଜଣକ ଆହତ ହୋଇ ନଥିଲେ ଓ ନିଜ ଭୁଲ ବୁଝିପାରି ନିଜ ଗାଡି ଉଠାଇ ଯିବାକୁ ଚେଷ୍ଟା କରୁଥିଲେ। ତେବେ ତେବେ ଘଟଣାର କିଛି ସମୟ ମଧ୍ୟରେ କିଛି ସ୍ଥାନୀୟ ଦୁର୍ବୃତ୍ତ ଘଟଣାସ୍ଥଳରେ ଏକାଠି ହୋଇ ଆମ ବସ୍ ଉପରକୁ ସଂଘବଦ୍ଧ ଭାବେ ଇଟା ଓ ପଥରରେ ଆକ୍ରମଣ କରିଥିଲେ।

ଦୁର୍ବୃତ୍ତମାନଙ୍କ ମାଡରେ ଦୁଇଜଣ ଆମ ବସ୍ କ୍ୟାପଟେନ ଅଜୟ କୁମାର ଡାକୁଆ ଏବଂ ରମେଶ ଚନ୍ଦ୍ର ନାୟକ ଗୁରୁତର ଆହତ ହୋଇଛନ୍ତି। ବସରେ ବସିଥିବା ଅନେକ ଯାତ୍ରୀ ମଧ୍ୟ ଏଥିରେ ଆହତ ହୋଇଛନ୍ତି। ଏହି ସମୟରେ ଆମ ବସ୍ର କ୍ୟାପ୍ଟେନ୍ ଗୌରୀ ଶଙ୍କର ନାୟକ ତୁରନ୍ତ ପିସିଆର୍ କୁ ଫୋନ କରିଥିଲେ ଏବଂ ପୋଲିସ କର୍ମଚାରୀମାନେ ତାଙ୍କୁ ତୁରନ୍ତ ଘଟଣାସ୍ଥଳରୁ ଉଦ୍ଧାର କରିଥିଲେ। ଦୁର୍ବ୍ୟବହାରର ଶିକାର ହୋଇଥିବା ଉଭୟ ବସ୍ କ୍ୟାପ୍ଟେନ୍ କ୍ୟାପିଟାଲ ପୋଲିସ ଷ୍ଟେସନରେ ଏଫଆଇଆର୍ ଦାୟର କରିଛନ୍ତି ଏବଂ କ୍ରୁଟ କର୍ତ୍ତୃପକ୍ଷ କ୍ୟାପିଟାଲ ପୋଲିସ ଷ୍ଟେସନର ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏପରି ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ ଯେପରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହୋଇପାରିବ ଏବଂ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତିକୁ ରୋକାଯାଇପାରିବ, ସେଥିପାଇଁ ଉଦ୍ୟମ କରାଯିବ। କ୍ରୁଟ ଏହି ଘଟଣାର ଦୃଢ଼ ନିନ୍ଦା କରୁଛି ଏବଂ ଯାତ୍ରୀ ସୁରକ୍ଷା, ଏହାର କର୍ମଚାରୀଙ୍କ ସୁରକ୍ଷା ଏବଂ ସାର୍ବଜନୀନ ପରିବହନର ଆଇନଗତ ପରିଚାଳନା ପ୍ରତି ଏହାର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଉଛି। ଅସୁବିଧାମୁକ୍ତ ସେବା ପାଇଁ କର୍ତ୍ତୃପକ୍ଷଙ୍କ ସହିତ ସହଯୋଗ କରିବାକୁ ଟ୍ୱିନ ସିଟିର ଦାୟିତ୍ୱବାନ ନାଗରିକମାନଙ୍କୁ ନିବେଦନ କରୁଛି।

# ଏସ୍‌ସିବିକୁ ଗଲା ନଟବର ଷଡ଼ଙ୍ଗୀଙ୍କ ପାର୍ଥିବ ଶରୀର

ବାଲିପାଟଣା, ୨୩।୧(ସମିସ) : ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଦେଶୀ ଧାନ ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ସ୍ୱର୍ଗତ ନଟବର ଷଡ଼ଙ୍ଗୀଙ୍କ ପ୍ରାର୍ଥିବ ଶରୀର କଟକସ୍ଥିତ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ୍‌କୁ ହସ୍ତାନ୍ତର କରାଯାଇଛି। ୨୦୨୪ ମସିହାରେ ସେ ନିଜେ ଇଚ୍ଛା ପ୍ରକାଶ କରି ତାଙ୍କର ଶରୀର ଦାନ ନିମନ୍ତେ ଘୋଷଣା କରିଥିଲେ। ତାଙ୍କର ସେହି ଇଚ୍ଛା ପୂରଣ ପାଇଁ ପରିବାର ଲୋକେ ସହମତି ପ୍ରକାଶ କରିଥିଲେ। ପୂର୍ବାହ୍ଣରେ ସ୍ୱର୍ଗତ ଷଡ଼ଙ୍ଗୀ ଙ୍କର ପ୍ରାର୍ଥିବ ଶରୀର ନରିଶୋସ୍ଥିତ ବାସଭବନରେ ପହଞ୍ଚିବା ପରେ ତାଙ୍କ ପ୍ରତିଷ୍ଠିତ ଗବେଷଣା କେନ୍ଦ୍ର କୁ ନିଆଯାଇ, ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟରେ ଶେଷ ଦର୍ଶନ ନିମନ୍ତେ ରଖାଯାଇଥିଲା। ଶହ ଶହ ସଂଖ୍ୟାରେ ତାଙ୍କୁ ଭଲପାଉଥିବା ଲୋକେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ କଟକ ନିଆଯାଇ ମେଡିକାଲ କଲେଜ୍‌କୁ ତାଙ୍କ ଶରୀର ହସ୍ତାନ୍ତର ହୋଇଛି।

# ପ୍ରେମାଞ୍ଜନଙ୍କୁ 'ଅଜିତ ନାଟ୍ୟ ସମ୍ମାନ'

ଭୁବନେଶ୍ୱର, ୨୩।୧(ସମିସ): ଶିକ୍ଷାର ବ୍ୟବସାୟୀ କରଣ ଆଜି ଉଦଭ୍ରାନ୍ତ କରିଛି ଛାତ୍ରସମାଜକୁ, ଅର୍ଥକିଣୁଛି ପାଠ। ମେଧାବୀ ଛାତ୍ରର ଭବିଷ୍ୟତ ଅନ୍ଧକାର। ବାପା ମାଆଙ୍କର ବଡ ବଡ ସ୍ୱପ୍ନକୁ ସାକାର କରିବା ଲାଗି ସାଧାରଣ ଛାତ୍ରଟିଏ ଚାଲିଆସୁଛି ବୈଶୟୀକ (ଟେକନିକାଲ) ପାଠ ପଢ଼ିବା ପାଇଁ କିନ୍ତୁ ଥରେ ସେ ଅନ୍ଧଗଳି ଭିତରେ ପଶିବା ପରେ ସେଠୁ ବାହାରିବାର ରାସ୍ତା ପାଉନାହିଁ। ବାହାରିବା ପରେ ଭବିଷ୍ୟତ କଣ ? ଏଭଳି ଏକ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ବିଷୟକୁ ନେଇ ଅଜିତ ନାଟ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ତିନି ଦିନିଆ ନାଟ୍ୟ ମହୋତ୍ସବ ଶୁକ୍ରବାର ଉଦଯାପିତ ହେବା ଅବସରରେ ନାଟକ ଭଞ୍ଜକଳା ମଣ୍ଡପରେ ନାଟକ 'ସମକାଳର ମଞ୍ଚସ୍ଥ ହୋଇଯାଇଛି। ଶଙ୍କର ତ୍ରିପାଠୀଙ୍କ ରଚିତ ଏବଂ ଦୀପକ ରଞ୍ଜନ ପତି (ଅମନ)ଙ୍କ ନିର୍ଦ୍ଦେଶନା ଦେଇଥିଲେ। ଅତିଥି ଭାବେ ଯୋଗ ଦେଇଥିଲେ ଲୋକପ୍ରିୟ ନାଟ୍ୟକାର ଶଙ୍କର ତ୍ରିପାଠୀ, ମଞ୍ଚ ନିର୍ଦ୍ଦେଶକ ସତ୍ୟବ୍ରତ ରାଉତ, ନାଟ୍ୟକାର ପ୍ରଫେସର ଜଗନ୍ନାଥ ଦାଶ ଏବଂ ନାଟ୍ୟକାର, ମଞ୍ଚ ଅଭିନେତା ତଥା ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ। ଅନୁଷ୍ଠାନର ଅଧକ୍ଷା ଡ. ମାୟା ଦାସ ଅତିଥି ମାନଙ୍କୁ ସମ୍ମାନିତ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉଦଯାପିତ ସନ୍ଧ୍ୟାରେ ଚଳିତ ବର୍ଷର ଅଜିତ ନାଟ୍ୟ ସମ୍ମାନରେ ବରିଷ୍ଠ ଅଭିନେତା ପ୍ରେମାଞ୍ଜନ ପରିଡ଼ାଙ୍କୁ ଏବଂ ଅଜିତ ସାମ୍ବାଦିକ ସମ୍ମାନରେ ପ୍ରଣୟ ଜେଠୀଙ୍କୁ ସମ୍ମାନିତ କରାଯାଇଛି। ନାଟ୍ୟ ନିର୍ଦ୍ଦେଶକ ଲାଲା ବିରେନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଜଧାନୀରେ ଥମୁନି ଆତଙ୍କ

# ନିଶାସକ୍ତ ଯୁବକଙ୍କ ହାଇଡ୍ରାମା ପରେ ଚାଳକ ଗିରଫ

ଭୁବନେଶ୍ୱର, ୨୩।୧(ସମିସ): ଭୁବନେଶ୍ୱରରେ ଥର୍ ଆତଙ୍କ ଦିନକୁ ଦିନ ବଢ଼ିଚାଲିଛି। ୪ ଜଣ ପ୍ରାଣ ହରାଇଥିବା କଥାକୁ ୨୪ ଘଣ୍ଟା ମଧ୍ୟରେ ଆଉ ଏକ ଥର୍‌ଜନିତ ଘଟଣା ସାମ୍ନାକୁ ଆସିଛି। ୪ ଜଣ ନିଶାଶକ୍ତ ଯୁବକ ବେପରୁଆ ଢଙ୍ଗରେ ଗାଡି ଚଳାଇବା ସହ ନମ୍ବର ପ୍ଲେଟ ଲୁଚାଇବା ଓ ପୁଲିସଠାରୁ ରକ୍ଷା ପାଇବା ପାଇଁ ନମ୍ବରପ୍ଲଟରେ ଷ୍ଟିକର ମାରିଥିବା କଥା ସାମ୍ନାକୁ ଆସିଛି। ଏକାଧିକ ଦୁର୍ଘଟଣା ଘଟାଇବା ପରେ ଥରକୁ ନିୟମିତ ଭାବେ ଚଳାଉଥିବାବେଳେ କମିଶନରେଟ୍ ପୁଲିସ୍ ସମ୍ପୃକ୍ତ ଥରକୁ ଜବତ କରିବା ସହ ସାଲିଆସାହିର ଅଭିଯୁକ୍ତ ଅନିଶ ନାୟକ (୨୨) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ୨ ଦିନ ତଳେ ତେଲ ଟ୍ୟାଙ୍କାର ଫାଟିବାରୁ ରସୁଲଗଡ଼ ସର୍ଭିସ୍ ରୋଡ ଜାମ ଥିଲା। ସେହିସମୟରେ ଗାଡ଼ିରେ ଥିବା କିଛି ମଦ୍ୟପ ଗାଡି ଛାତ ଉପରକୁ ଯାଇ ଅସାବଧାନତା ପୂର୍ଣ୍ଣ ଭାବେ ନାଚି ଗାଇ ମଜା କରିଥିଲେ। ଏପରିକି ଗାଡି ଛାତ ଉପରେ ସମୟ ସମୟରେ ଶୋଇ ମଧ୍ୟ ପଡୁଥିଲେ। ଏଭଳି ବେପରୁଆ ଗାଡି ଚାଳନା, ମଦପିଇ ଗାଡି ଚାଳନା ଲାଗି ଅଭିଯୁକ୍ତ ଚାଳକକୁ ମଞ୍ଚେଶ୍ୱର ପୁଲିସ୍ ଗିରଫ କରିଥିବା ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ଏହି ଘଟଣାର ଭିଡ଼ିଓକୁ ଜଣେ ସାମାଜିକ କର୍ମୀ ସୋସିଆଲ୍ ମିଡ଼ିଆରେ ଛାଡ଼ିବା ପରେ ମଞ୍ଚେଶ୍ୱର ଥାନା ପୁଲିସ୍ ସମ୍ପୃକ୍ତ ଗାଡି ଓଡି ୦୨ ସିଡି ୮୧୨୩କୁ ଜବତ କରିଛି। ଗାଡ଼ିର କାଗଜପତ୍ର ଯାଞ୍ଚ କରାଯିବା ସହ ଏହି ଥର ଅନେକ ସ୍ଥାନରେ ଦୁର୍ଘଟଣା ଘଟାଇଥିବା ପୁଲିସ୍ ଜାଣିବାକୁ ପାଇଛି। ମଞ୍ଚେଶ୍ୱରର ଏକ ପରିତ୍ୟକ୍ତ ସ୍ଥାନରେ କାରଟିକୁ ରଖାଯାଇଥିଲା। ଅଭିଯୁକ୍ତ ଜଣକ ଗାଡ଼ିକୁ ଭଡ଼ାରେ ଆଣି ଚଳାଉଥିବାବେଳେ ଏହା ପୂର୍ବରୁ ଏକାଧିକ ଥର ଏହି ଥର୍ ଦୁର୍ଘଟଣା ଘଟାଇଥିବା ପୁଲିସ୍ କହିଛି।

- ନମ୍ବର ପ୍ଲେଟରେ ଷ୍ଟିକର ମାରି ଟ୍ରାଫିକକୁ ଭୂଆଁ ବୁଲାଉଥିଲେ
- ଏକାଧିକ ଦୁର୍ଘଟଣା ଘଟାଇବା ପରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଲୁଚାଇଥିଲେ
- ଚେକିଂବେଳେ ଜୟଦେବ ବିହାର ଫ୍ଲାଏଓଭରରୁ ଚାଳକ ଗିରଫ

ଘଟଣାର ବିବରଣୀ ଅନୁଯାୟୀ, ଗୁରୁବାର ରାତିରେ ଜୟଦେବ ବିହାର ଓଭରବ୍ରିଜ ଉପରେ ଯାଞ୍ଚ ହେଉଥିବା ବେଳେ ଚାଳକ ଜଣକ ମଦ ପିଇ ଗାଡି ଚାଳନା କରୁଥିଲା। ପୁଲିସକୁ ଦେଖିଲ ଖସିଯିବାକୁ ଚେଷ୍ଟା କରିଥିଲା। ପରେ ପୁଲିସ୍ ଗାଡ଼ିଟି ଖସିଯିବାକୁ ଉଦ୍ୟମ କରୁଥିବା ଦେଖି ଚାଳକଙ୍କୁ କାବୁ କରିବା ସହ ଥର୍‌କୁ ଜବତ କରିଥିଲ। ଗାଡିରେ ମୋଟ ୪ ଜଣ ଥିବାବେଳେ ପୁଲିସ୍ କେବଳ ଚାଳକଙ୍କୁ ଗିରଫ କରିଥିଲା। ଅନ୍ୟଙ୍କୁ ଚେତାବନୀ ଦେଇ ଛାଡ଼ିଥିଲା। ଶୁକ୍ରବାର ଭୋରୁ ମଞ୍ଚେଶ୍ୱର ଥାନା ପୁଲିସ୍ ଅଭିଯୁକ୍ତକୁ ଥାନାରେ ଅଟକ ରଖିବା ପରେ ଜେଲ ପଠାଇଥିବାବେଳେ ବୈଧ ପ୍ରମାଣ ସହ ଅଭିଯୁକ୍ତ ବେଲରେ ଯାଇଛି। ଜବତ ଥର୍‌କୁ ପୁଲିସ କୋର୍ଟ ଚାଲାଣ କରିଛି। ଥର ଦ୍ୱାରା ଘଟଣା ଦିନ ଘଟାଯାଇଥଲବା କାର୍ଯ୍ୟ ଯୋଗୁଁ ରାସ୍ତାରେ ଟ୍ରାଫିକ୍ ବାଧାପ୍ରାପ୍ତ ହୋଇଥିଲା। ଯାହା ଏବେ ପୁଣି ଥର୍ ଆତଙ୍କରାଜ ଭାବେ ଟ୍ରେଣ୍ଡ କରୁଛି। ଏହି ଘଟଣା ପୂର୍ବରୁ ଭୁବନେଶ୍ୱରରେ ଥାର୍ ଗାଡ଼ି ସମ୍ପର୍କିତ ଦୁଇଟି ଭୟଙ୍କର ଦୁର୍ଘଟଣାକୁ ପୁଣି ଥରେ ସୂଚନାଇଛି ୨ ଦିନ ଭିତରେ ଥର୍ ଜନିତ ଘଟଣା ରାଜଧାନୀରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ କ୍ୟାପିଟାଲ୍ ହସ୍ପିଟାଲ୍ ଛକ, ପିତାପଲ୍ଲୀ ଛକ ଓ ଚନ୍ଦକା ଅଞ୍ଚଳରେ ଥର ଦୁର୍ଘଟଣା ଘଟାଇଥିଲା। କ୍ୟାପିଟାଲ ହସ୍ପିଟାଲ ଓ ପିତାପଲ୍ଲୀ ଛକର ଦୁର୍ଘଟଣାରେ ୪ ଜଣ ପ୍ରାଣ ହରାଇଥିଲେ। ପୁଲିସ୍ ସୂଚନା ଅନୁଯାୟୀ, ପ୍ରତ୍ୟେକ ଦୁର୍ଘଟଣାରେ ଥର୍ ଗାଡ଼ିର ଚାଳକ ଅତ୍ୟଧିକ ବେଗରେ ଗାଡ଼ି ଚଳାଉଥିଲେ। ଏହାପରେ ପୁଲିସ୍ କେତେକ ବ୍ୟକ୍ତିଙ୍କୁ ଗିରଫ କରିଛି ଏବଂ ତଦନ୍ତ ଜାରି ରଖିଛି।



# ଭୁବନେଶ୍ୱର ସିଟି

# ନଡ଼ାରେ ଝଲସୁଛି ଦେବାଦେବୀଙ୍କ କଳାକୃତି



## ଧାନଗଛ ନଡ଼ାରେ ନିଆରା କଳାକୃତି

ଭୁବନେଶ୍ୱର, ୨୩।୧(ସମିସ): କୁହାଯାଏ କାରିଗରର ଚେତନାର କୌଣସି ସୀମା ନାହିଁ। ବିଭିନ୍ନ ଉପକରଣ ବ୍ୟବହାରକରି କିଏ ମାଟିରେ ତ କିଏ ସବାଇଘାସରେ ପ୍ରସ୍ତୁତ କରନ୍ତି ବିଭିନ୍ନ କଳାକୃତି। ସେହିଭଳି ଧାନଗଛ ନଡାରେ ମଧ୍ୟ ଆକର୍ଷଣୀୟ କଳାକୃତି ପ୍ରସ୍ତୁତକରି ଲୋକଙ୍କୁ ଆକୃଷ୍ଟ କରାଯାଇପାରେ। ଯାହାକୁ ଷ୍ଟ୍ରଅ କ୍ରାଫ୍ଟ ମଧ୍ୟ କୁହାଯାଏ।

ଏଭଳି କଳାକୃକତି କରୁଛନ୍ତି କାରିଗର ସୁଶାନ୍ତ ମହାନ୍ତି। ଧାନଗଛର ନଡ଼ାକୁ ନେଇ ସେ ବିଭିନ୍ନ ଦେବାଦେବୀଙ୍କ ଫଟୋ ଚିତ୍ର ତିଆରି କରୁଛନ୍ତି। ରାଜଧାନୀରେ ଆୟୋଜିତ ହେଉଥିବା ଶିସିରସରସ, ତୋଷାଳୀ ଆଦି ମେଳା ଓ ପ୍ରଦର୍ଶନୀରେ ତାଙ୍କ ନିର୍ମିତ କଳାକୃତି ଦେଖିବାକୁ ମିଳେ। ତାଙ୍କ ପ୍ରକୃତ ଘର ଗଞ୍ଜାମ ହେଲେ ଅଧିକାଂଶ ସମୟରେ ରାଜଧାନୀରେ ହିଁ ମେଳା ପ୍ରଦର୍ଶନୀ ଆୟୋଜିତ ହେଉଥିବାରୁ ସେ ଏଠାରେ ହିଁ ରହିଥାନ୍ତି। ଏଥିସହିତ ରାଜସ୍ଥାନ, ମୁମ୍ବାଇ, ବେଙ୍ଗାଲୁରୁ ଆଦି ସ୍ଥାନକୁ ମଧ୍ୟ କଳାକୃତି ପ୍ରଦର୍ଶନ କରିବାକୁ ଯାଇଥାନ୍ତି। ତାଙ୍କ କାରିଗରୀ ମଧ୍ୟରେ ଶ୍ରୀ ଜଗନ୍ନାଥ, ସରସ୍ୱତୀ, ରାଧାକୃଷ୍ଣ ଏବଂ ପୁରାଣର ବିଭିନ୍ନ କାହାଣୀ ସ୍ଥାନିତ ହୋଇଛି। ଯାହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏହାବ୍ୟତୀତ ସେ ପ୍ରାକୃତିକ ସୌନ୍ଦର୍ଯ୍ୟ, ମହାପୁରୁଷଙ୍କୁ ଏବଂ ମଡେଲ ଆର୍ଟ ଓ ଟ୍ରାଇବାଲ ଆର୍ଟ ମଧ୍ୟ ତିଆରି କରି ବିକ୍ରି କରୁଛନ୍ତି। ଯାହାକୁ ସେ କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର କରି ତିଆରି କରୁଛନ୍ତି। କଳାକୃତି ବିଷୟରେ ସୁଶାନ୍ତ କୁହନ୍ତି ଧାନଗଛ ଯେତେବେଳେ କଞ୍ଚା ଥାଏ ସେତେବେଳେ ତା ଭିତର ସେହି ଷ୍ଟ୍ର ବା ନଳି ଅଂଶକୁ ଆଣି ଏପରି ଫଟୋ ତିଆରି କରୁଛୁ। ଏହି ନଡ଼ା ସେ ନିଜ ଅଞ୍ଚଳ ଗଞ୍ଜାମର ଚାଷୀଙ୍କଠୁ ସଂଗ୍ରହ କରି ଆଣିଥାନ୍ତି। ପରେ ସେଥିରେ ନିଜର କାରିଗରୀ ମାଧ୍ୟମରେ ଆକର୍ଷଣୀୟ କଳାକୃତି କରି ତାକୁ ଫ୍ରେମ୍‌ରେ ବନ୍ଧାଇ ଥାଆନ୍ତି। ସେହି ପ୍ରତିକୃତି କରିବାକୁ ପାଖାପାଖି ୨ ରୁ ୩ ଦିନ ସମୟ ଲାଗିଥାଏ। ନଡାରେ ତଆରି ହୋଇଥିବା ଏହି ପ୍ରତିକୃତିର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇ ୪୦ ହଜାର ପର୍ଯ୍ୟନ୍ତ ରହିଛି। ସେ ଦୀର୍ଘ ୨୪ ବର୍ଷରୁ ଅଧିକ ସମୟ ହେବ ସେ ଏହି କଳା ଅରୁଣ ମୋହନ ପାତ୍ରଙ୍କଠୁ ଶିକ୍ଷାଲାଭ କରିଛନ୍ତି। କେବଳ ସେ ନୁହଁ ବରଂ ତାଙ୍କ ବାପା ଓ ଭାଇ ଗୋପାଳ ସହ ପୂରା ପରିବାର ଏହି କାମରେ ନିୟୋଜିତ ଅଛନ୍ତି ବୋଲି କହିଥିଲେ।

# ‘ସକାଳ’ ଓ ‘ନନ୍ଦିଘୋଷ’ କାର୍ଯ୍ୟାଳୟରେ ସରସ୍ୱତୀ ପୂଜା



ଭୁବନେଶ୍ୱର, ୨୩।୧(ସମିସ): ଦୈନିକ ଖବରକାଗଜ ‘ସକାଳ’ ଓ ‘ନନ୍ଦିଘୋଷ’ ର ଭଗବାନପୁର ସ୍ଥିତ କାର୍ଯ୍ୟାଳୟ ପରିସରରେ ମା’ ବାଗ୍‌ଦେବୀଙ୍କ ଆରାଧନା କରାଯାଇଛି। ରୀତିନୀତି ଅନୁଯାୟୀ ମା’ ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ‘ସକାଳ’ର ସିଇଓ ସୁବ୍ରତ କୁମାର ଦାସ, ପ୍ରକାଶକ ଅମିତ କୁମାର ମଲ୍ଲିକ, ବ୍ୟୁରୋ ଚିଫ୍ ରଞ୍ଜିତ୍ ମହାନ୍ତି, ନନ୍ଦିଘୋଷ ମୁଖ୍ୟ ସମ୍ପାଦକ ଶିଶିର ଭଞ୍ଜମିଶ୍ର, ନନ୍ଦିଘୋଷର ସିଓଓ ଯବର ସିଂ ପନୱାର, ସକାଳ ଓ ନନ୍ଦିଘୋଷର ଡିଜିଏମ୍ ଯୀଷୁ ମହାନ୍ତି, ମାନବସମ୍ବଳ ଅଧିକାରୀ, ପ୍ରସାରଣ ବିଭାଗ ସମେତ ସକାଳ ଓ ନନ୍ଦିଘୋଷର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମା’ ପୂଜାର୍ଚ୍ଚନା ପରେ ସମସ୍ତେ ପୁଷ୍ପାଞ୍ଜଳି ଦେଇଥିଲେ। ଶେଷରେ ପ୍ରସାଦ ସେବନ କରାଯାଇଥିଲା।

# ତାଳପତ୍ର ପୋଥିରେ ବିରାଜିଲେ ସରସ୍ୱତୀ



ଭୁବନେଶ୍ୱର, ୨୩।୧(ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଢ଼ିଛନ୍ତି ଦେବୀ ସରସ୍ୱତୀଙ୍କ ନିଆରା ମୂର୍ତ୍ତୀ। ମୂର୍ତ୍ତି କଳା ବିଭାଗର ଅଧ୍ୟାପକ ଚନ୍ଦନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀମାନେ ତାଳପତ୍ର ପୋଥି ଓ ଦେବୀ ସରସ୍ୱତୀଙ୍କ ଶ୍ଳୋକରେ ଏହି ସୁନ୍ଦର ମୂର୍ତ୍ତି ଗଢି ପୂଜା କରିଛନ୍ତି। ମହାବିଦ୍ୟାଳୟର ୧୭ ଜଣ ଶିଳ୍ପୀଙ୍କୁ ମୂର୍ତ୍ତି ଟି ଗଢ଼ିବାକୁ ୧୦ ଦିନ ସମୟ ଲାଗିଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ, ଅଧ୍ୟାପକ ଭୂପତି ଭୂଷଣ ପଣ୍ଡା, ଯନିତା ପ୍ରିୟଦର୍ଶିନୀ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି ମହାବିଦ୍ୟାଳୟର ଛାତ୍ର ବୃନ୍ଦାବନ ପଣ୍ଡା, ଦେବରାଜ ମହାରଣା, ପ୍ରକାଶ ପରିଡ଼ା, ପ୍ରଦତ୍ତ ଭୋକ୍ତା, ପ୍ରୀତିନନ୍ଦା ସାହୁ, ସୌମ୍ୟକାନ୍ତ ସ୍ୱାଇଁ, ଦେବୀଦତ୍ତା ତାରିଣୀଆ, ସ୍ୱାଗତିକା ମିଶ୍ର ପ୍ରମୁଖ ପାରମ୍ପରିକ ତାଳପତ୍ର ଖୋଦେଇ ଆଧାରରେ ଏହି ପରିବେଶ ଅନୁକୂଳ ମୂର୍ତ୍ତି ତିଆରି କରିଥିଲେ। ଏହି ଅବସରରେ ସୁଭାଷ ଚନ୍ଦ୍ର ମୁଦୁଲି, ପ୍ରବୀର୍ ଦଳାଇ, ଡ. ଉମାକାନ୍ତ ସାମଲ ପ୍ରମୁଖଙ୍କ ସମେତ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ବିରାଜିଲେ ବାଗ୍‌ଦେବୀ

ଭୁବନେଶ୍ୱର, ୨୩।୧(ସମିସ): ଯା କୁନ୍ଦେ ତୁଷାର ହାର ଧବଳା.... ଶ୍ଳୋକରେ ପ୍ରକମ୍ପିତ ସାରା ସହର। ରାଜଧାନୀର ମନ୍ଦିର ଓ ଗଳିକନ୍ଦିରେ ମା’ ସରସ୍ୱତୀଙ୍କ ପୂଜା କରାଯାଇଛି। ବିଦ୍ୟା, କଳା, ସାହିତ୍ୟ ଓ ସ୍ୱର ବ୍ରହ୍ମର ଅଧିଷ୍ଠାତ୍ରୀ ଦେବୀ ମା’ ସରସ୍ୱତୀଙ୍କ ଆବାହନ କରାଯାଇଛି। ସ୍କୁଲ୍, କଲେଜ ଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କର୍ପୋରେଟ୍ ଅଫିସରେ ମଧ୍ୟ ଆଡ଼ମ୍ବର ରେ ମା’ଙ୍କ ଆରଧନା କରାଯାଇଛି। ଏଥିପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ନୂତନ ବସ୍ତ୍ର ପରିଧାନ କରି ସମସ୍ତେ ମା’ଙ୍କ ପୂଜାର୍ଚ୍ଚନା କରିଛନ୍ତି। କେତେକ ଶିକ୍ଷାନୁଷ୍ଠାନରେ ଭୋଜିର ଆୟୋଜନ କରାଯାଇଥିଲା। କ୍ୟାପିଟାଲ ହାଇସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ନୂଆପଲ୍ଲିସ୍ଥିତ କସ୍ତୁରବା ଶିକ୍ଷାଶ୍ରମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଭୃତି ସ୍କୁଲରେ ଧୁମ୍‌ଧାମ୍‌ରେ ମା’ ବୀଣାପାଣିଙ୍କ ଆବାହନ କରାଯାଇଛି। ଛାତ୍ରଛାତ୍ରୀମାନେ ନିଜେ ଶ୍ଳୋକ ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା।

# ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବରପୁତ୍ରଙ୍କୁ ମାଲ୍ୟାର୍ପଣ



ଭୁବନେଶ୍ୱର, ୨୩।୧(ସମିସ): ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅମର ନାମ ଲେଖାଇ ଯାଇଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଓଡ଼ିଶାର ବୀରତ୍ୱପୂର୍ଣ୍ଣ ସଂଗ୍ରାମର ପ୍ରତୀକ ମହାନ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ନାରାୟଣ ପଣ୍ଡା ମୁଖ୍ୟବକ୍ତା, ପ୍ରାରମ୍ଭରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦୃଢ଼ ନେତୃତ୍ୱ, ‘ଆଜାଦ ହିନ୍ଦ’ ଆନ୍ଦୋଳନ ଓ ସଶସ୍ତ୍ର ସଂଗ୍ରାମର ସାହସିକ ପଥ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ଏକ ନୂଆ ଦିଗ ଦେଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରସୁଲଗଡ଼ ଛକ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଏବଂ ଭିଏସ୍‌ଏସ୍ ନଗର ସ୍ଥିତ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସହ ବିଭାଗର ଅଧିକାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଥିଲେ।

# ଆଇନଜୀବୀ ବିଜୟ କୁମାର ବାରିକଙ୍କ ସ୍ମୃତିସଭା

ଭୁବନେଶ୍ୱର, ୨୩।୧(ସମିସ): ଆଇନଜୀବୀ ବିଜୟ କୁମାର ବାରିକଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଏହି ସ୍ମୃତିସଭାରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦିବଙ୍ଗତ ଆଇନଜୀବୀ ବାରିକଙ୍କ ସ୍ମୃତିଚାରଣ କରିଥିଲେ। ଅତିଥି ଭାବେ ଶିଶୁ ସାହିତ୍ୟକ ଶରତ ନାୟକ, କର୍ପୋରେଟର ଶିବନାରାୟଣ ରାୟ, ହୃଦୟବଲ୍ଲଭ ସାମନ୍ତସିଂହାର, ସମାଜସେବୀ ମାନସ ବସ୍ତିଆ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବାରିକଙ୍କ ମେଳାପି ଓ ସ୍ନେହବତ୍ସଳ ଗୁଣର ବର୍ଣ୍ଣନା କରିଥିଲେ। ଏହି ସ୍ମୃତିସଭାକୁ ଯୁବ ସାହିତ୍ୟକ ତଥା ପ୍ରକାଶକ ରଜତ ରଶ୍ମି ସ୍ୱାଇଁ ପରିଚାଳନା କରିଥିଲେ।

# ଓଡ଼ିଶା ଅର୍ଥୋପେଡ଼ିକ୍ସ ଆସୋସିଏସନର ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ



ଭୁବନେଶ୍ୱର, ୨୩।୧(ସମିସ): ଓଡ଼ିଶା ଅର୍ଥୋପେଡ଼ିକ୍ସ ଆସୋସିଏସନର ୫୦ତମ ବାର୍ଷିକ ସମ୍ମିଳନୀ ଶୁକ୍ରବାର ପୁରୀଠାରେ ଆନୁଷ୍ଠାନିକ ଭାବରେ ଉଦଘାଟିତ ହୋଇଯାଇଛି। ତିନିଦିନିଆ ଏହି ସମ୍ମିଳନୀରେ ଦେଶ ବିଦେଶର ୫୦ରୁ ଅଧିକ ଅର୍ଥୋପେଡ଼ିକ୍ ଡାକ୍ତର ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୦୦ରୁ ଅଧିକ ଅର୍ଥୋପେଡ଼ିକ୍ ଡାକ୍ତର ଓ ଡାକ୍ତରୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଂଶ ଗ୍ରହଣ କରିଥିବା ଡାକ୍ତରମାନେ ସର୍ଜରୀ ସମ୍ପର୍କରେ ନିଜର ଅନୁଭୂତି କହିଥିଲେ, ନୂଆ ପ୍ରଯୁକ୍ତି ଓ ଗବେଷଣା ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ମୁଖ୍ୟ ଅତିଥି ଭାବରେ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ଯୋଗ ଦେଇଥିଲେ। ଏହି ଜାତୀୟ ସ୍ତରର କର୍ମଶାଳାର ସଫଳତା କାମନା କରି ସେ କହିଥିଲେ, ଅର୍ଥୋପେଡ଼ିକ୍ସ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି ଓଡ଼ିଶାର ସମସ୍ତ ଜିଲ୍ଲାରେ କେମିତି ଉପଲବ୍ଧ ହେବ, ସେ ଦିଗରେ ସରକାର ଯୋଜନା ପ୍ରସ୍ତୁତ କରିବେ।

ଓଡ଼ିଶା ଅର୍ଥୋପେଡ଼ିକ୍ସ ଆସୋସିଏସନ ସଭାପତି ଡାକ୍ତର କେ. ଏର୍. ମହାପାତ୍ର କହିଥିଲେ, ଆଗାମୀ ଦିନରେ ମଧ୍ୟ ଏପରି ଶିକ୍ଷାମୂଳକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟରେ ଉନ୍ନତ ଅର୍ଥୋପେଡ଼ିକ୍ ସେବା ପହଞ୍ଚାଇବାକୁ ପ୍ରୟାସ ଜାରି ରହିବ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆୟୋଜକ କମିଟିର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ବିଶ୍ୱଜିତ୍ ସାହୁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆୟୋଜକ କମିଟିର ସମ୍ପାଦକ ଡାକ୍ତର ସୁନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳା ରବିବାର ପର୍ଯ୍ୟନ୍ତ ଜାରି ରହିବ।

# ନେତାଜୀଙ୍କ ଜୟନ୍ତୀରେ ଦେଶପ୍ରେମ କବି ସମ୍ମିଳନୀ



ଭୁବନେଶ୍ୱର, ୨୩।୧(ସମିସ): ଫରୱାର୍ଡ ବ୍ଲକ ଓ ଆଜାଦ୍ ହାନ୍ଦ୍ ବାହିନୀର ପ୍ରାଣ ପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୩୦ ତମ ଜୟନ୍ତୀ ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ନେତାଜୀ ଭବନଠାରେ ଆୟୋଜିତ ହୋଇଛି। ଦେଶପ୍ରେମ କବି ସମ୍ମିଳନୀକୁ ଉଦ୍‌ଘାଟନ କରି କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ପବିତ୍ର ମୋହନ କର ନେତାଜୀଙ୍କ ଆଦର୍ଶ ଓ ଦର୍ଶନର ବିଷୟରେ ଆଲୋଚନା କରିଥିଲେ। ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଓ ସ୍ତମ୍ଭକାର ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦେଶପ୍ରେମ କବି ସମ୍ମିଳନୀରେ ଅତିଥିଭାବେ ପ୍ରାବନ୍ଧିକା ଡ. ଇପ୍‌ସିତା ଷଡ଼ଙ୍ଗୀ, କବି ନୃସିଂହ ତରାଇ, କବି ଶର୍ମିଷ୍ଠା ନାଥ, କବି ଉମାକାନ୍ତ ରାଉତ, କବି ବିନୋଦ ମହାରଣା ପ୍ରମୁଖ ଦେଶପ୍ରେମ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। କବି ଶ୍ରୁତକୀର୍ତ୍ତି ତ୍ରିପାଠୀ ସଂଯୋଜନା କରିଥିବାବେଳେ ଆଜାଦ୍ ହାନ୍ଦ୍ ବାହିନୀର ଜାତୀୟ ଆବାହକ ଜ୍ୟୋତି ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଫରୱାର୍ଡ କ୍ଲବ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦେବବ୍ରତ ବିଶ୍ୱାସ କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟିକ ସତ୍ୟନାରାୟଣ ମହାପାତ୍ରଙ୍କ ଲିଖିତ ‘ନେତାଜୀ ସୁଭାଷ’ ଉନ୍ମୋଚିତ ହୋଇଥିଲା।

# ଲାଲଚନ୍ଦ୍ ଲକି ଡ୍ର: ବିଶ୍ୱଜିତ୍ ଜିତିଲେ ୱିଣ୍ଡସର କାର୍; ୬ ଜଣ ଲକ୍ଷପତି

ଭୁବନେଶ୍ୱର, ୨୩।୧(ସମିସ): ପୂର୍ବ ଭାରତର ଅଗ୍ରଣୀ ଅଳଙ୍କାର ବ୍ରାଣ୍ଡ ଲାଲଚନ୍ଦ ଜୁଏଲର୍ସ ପକ୍ଷରୁ ଅନୁଷ୍ଠିତ ଲକି ଡ୍ରରେ ପଟିଆ ଅଞ୍ଚଳର ବିଶ୍ୱଜିତ୍ ରାଉତ୍ ଏମ୍‌ଜି ୱିଣ୍ଡସର କାର୍ ଜିତିଛନ୍ତି। ସେହିପରି ବିଭିନ୍ନ ମାସ ପାଇଁ ତମାଣ୍ଡୋର ପବିତ୍ର ମୋହର ପଲେଇ, କଟକର ସୃଷ୍ଟି ଶୋଭନା ମୁଦୁଲି, ପୁରୀର ଅବ୍‌ଦୁଲ୍ ନଇମ୍ ଖାନ, କଟକର ରୋଜାଲିନ୍ ପ୍ରଧାନ, ପାତ୍ରପଡା ଭୁବନେଶ୍ୱରର ରିନାତା ଦାସ ଓ ଭୁବନେଶ୍ୱରର ଅନିତା ପ୍ରଧାନ ବିଭିନ୍ନ ମାସର ଲକ୍ଷପତି ପୁରସ୍କାର ବିଜେତା ହୋଇଛନ୍ତି। ଜାନୁଆରୀ ୨୨ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁଲଗ୍ନା ପରିଚାଳନା କରିଥିଲେ। ଲାଲଚନ୍ଦର ବ୍ରାଣ୍ଡ ଆମ୍ବାସାଡର ତଥା ଲୋକପ୍ରିୟ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ, ସୂର୍ଯ୍ୟମୟୀ ମହାପାତ୍ର, ଓଲିଉଡ୍ ଅଭିନେତା କୁନା ତ୍ରିପାଠୀ ଉପସ୍ଥିତ ଥିଲେ। ଲୋକପ୍ରିୟ ଗାୟିକା ଲୋପାମୁଦ୍ରା ଦାସ ଓ ଅବିନାଶ ଦାସଙ୍କ ସଙ୍ଗୀତ ପରିବେଷଣ କରିଛନ୍ତି।

ଏହି ଭବ୍ୟ ଉତ୍ସବରେ ଲାଲଚନ୍ଦ୍ ଜୁଏଲର୍ସ ବହୁପ୍ରତୀକ୍ଷିତ “ବିଗ୍ ବ୍ୟାଙ୍ଗ୍ ବ୍ୟାଙ୍ଗଲ୍ସ ଫେଷ୍ଟିଭାଲ” ଘୋଷଣା କରିଛି। ସମସ୍ତ ୨୨ କ୍ୟାରେଟ୍ ସୁନା ଚୁଡ଼ି ଉପରେ ସବୁଠାରୁ କମ୍ ମେକିଂ ଚାର୍ଜ, କେବଳ ୯୯୯ ଟଙ୍କା ପ୍ରତି ଗ୍ରାମ୍ ରଖାଯାଇଛି। ଏହା ଜାନୁଆରୀ ୨୩ ଠାରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଷ୍ଟୋର ଓ ଫେବୃଆରୀ ୨ ଠାରୁ ୮ ପର୍ଯ୍ୟନ୍ତ କଟକର କ୍ୟାଣ୍ଟନମେଣ୍ଟ ରୋଡ୍ ଷ୍ଟୋରରେ ଆୟୋଜିତ





ହେବ। ଏହି ଅବସରରେ ଗ୍ରାହକଙ୍କୁ ଧନ୍ୟବାଦ ଜଣାଇ ଲାଲ୍‌ଚନ୍ଦ୍ ଜୁଏଲର୍ସର ଚେୟାରମ୍ୟାନ୍ ଡ. ସଞ୍ଜୟ ହଂସ କହିଛନ୍ତି ଯେ, ଗ୍ରାହକ ସନ୍ତୁଷ୍ଟି ହିଁ ଲାଲଚନ୍ଦର ସର୍ବୋପ୍ରାଥମିକତା। ସୁନା ଦର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଗ୍ରାହକମାନେ ବୁଦ୍ଧିମତାର ସହିତ ବ୍ୟକ୍ତିଗତ ବ୍ୟବହାର ଓ ଆଗାମୀ ବିବାହ ଅବସର ପାଇଁ ସୁନା କିଣୁଛନ୍ତି। ବାଙ୍ଗଲ୍ ଫେଷ୍ଟିଭାଲ୍ ଗ୍ରାହକମାନଙ୍କୁ ବେଶ୍ ପସନ୍ଦ ଆସିଛି ବୋଲି ସେ କହିଛନ୍ତି।

# ବାଲକାଟି ପ୍ରିମିୟର ଲିଗ ଉଦ୍‌ଘାଟିତ

ଧଉଳି/ବାଲିଅନ୍ତା, ୨୩।୧(ସମିସ): ବାଲକାଟି କଲେଜ ପଡ଼ିଆରେ ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବାଲକାଟି ପ୍ରେମିୟର ଲିଗ ଟୁର୍ଣ୍ଣାମେଣ୍ଟର ୯ ମ ସଂସ୍କରଣ ଆଜି ଉଦଘାଟିତ ହୋଇଯାଇଛି। କ୍ଲବ ସଭାପତି ଇଁ. ରୁଦ୍ର ପ୍ରସାଦ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟା କୁନମୁନ ଲେଙ୍କା, ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ସମିତିସଭ୍ୟ ଗଙ୍ଗାଧର ମାହାରୀ, ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ମହାନ୍ତି, ସୁବ୍ରତ କୁମାର ମହାନ୍ତି, ବେଣୁଧର ଭୋଇ,





ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ରାଜନେତା ଶିବ ପ୍ରସାଦ ମଲ୍ଲିକ, ଲଜର ଡେଭଲପର ମୁଖ୍ୟ ବିଶ୍ୱରଞ୍ଜନ ଦେ, ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ସିଦ୍ଧେଶ୍ୱର ମହାନ୍ତି, ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣୀ, ବରିଷ୍ଠ ସାମ୍ବାଦିକ ଅନୁପ ଶୁଭଙ୍କର ନାୟକ ପ୍ରମୁଖ ଯୋଗଦେଇ କ୍ରିକେଟ ଏକ ଭାଇଚାରାର ଖେଳ। ଏହି ଖେଳକୁ ସମସ୍ତ ଖେଳାଳୀ ଶାନ୍ତିଶୃଙ୍ଖଳାର ସହ ଖେଳିବାପାଇଁ ପରାମର୍ଶ ଦେବାସହ ଉପସ୍ଥିତ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟି ଦଳ ନେଇଥିବା ବେଳେ ଆଜିର ଉଦଘାଟନ ମ୍ୟାଚରେ ପ୍ରଥମେ ସାଇ ୱାରୀୟର ଓ ବିବି ୱାରୀୟର ମଧ୍ୟରେ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବିବି ୱାରୀୟର ନିର୍ଦ୍ଧାରିତ ୬ ଓଭରରେ ୮୯ ରନ କରିଥିଲା। ଜବାବରେ ସାଇ ୱାରୀୟର ଧୂଆଁଧାର ବ୍ୟାଟିଂ କରି ଗୋଟେ ଓଭର ବାକିଥାଇ ବିଜୟୀ ହୋଇଥିଲା। ପରେ ଅନ୍ୟ ମ୍ୟାଚ ଖେଳାଯାଇଥିଲା। ଆଜି ମୋଟ ୭ ଟା ମ୍ୟାଚ ଖେଳାଯାଇଥିଲା।

ଆସନ୍ତା ୨୪, ୨୫ ତାରିଖରେ ପରବର୍ତ୍ତୀ ମ୍ୟାଚ ଖେଳାଯିବ। ଶେଷରେ ୨୬ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହେବା ସହ ଫାଇନାଲ ଖେଳାଯିବ। ଆଜିର ଖେଳକୁ ଶ୍ରୀକାନ୍ତ ମହାରଣା, ବିଟୁ ଓ ମଣ୍ଟୁ ପରିଚାଳନା କରିଥିବା ବେଳେ ଟୁର୍ଣ୍ଣାମେଣ୍ଟକୁ ଭରତ ସେଠି, ସୌମ୍ୟ ରଞ୍ଜନ ମହାନ୍ତି, ଆର୍ଯ୍ୟପ୍ରକାଶ ଭୋଳ, ନିହାର ରଞ୍ଜନ ଦାସ ପ୍ରମୁଖ ଜାଗେଶ୍ୱରୀ କ୍ରିକେଟ କ୍ଲବର ସଦସ୍ୟ ସହଯୋଗ କରିଥିଲେ।

# ଓଡ଼ିଶୀ ଯୁଗଳବନ୍ଦୀରେ ଶିବ-ରୁଦ୍ର ତାଣ୍ଡବ

ଭୁବନେଶ୍ୱର, ୨୩।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦେଶ ତଥା ଦେଶ ବାହାରେ ଓଡିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରିବା ଏବଂ ଗୋଟିଏ ମଞ୍ଚରେ ଦେଶ ବିଦେଶର ନୃତ୍ୟଶିଳ୍ପୀମାନେ ଉପସ୍ଥାପନ କରିବା ଲକ୍ଷ୍ୟରେ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏହି ଉତ୍ସବ ତିନି ଦିନ ଧରି ଅନୁଷ୍ଠିତ ହେବ। ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି।



ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପ୍ରଖ୍ୟାତ ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ମାର୍ଗଦର୍ଶନରେ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀମାନଙ୍କ ଦ୍ୱାରା ଶିବ ବନ୍ଦନାରୁ। ଏହାପରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ କୌସ୍ତବୀ ସରକାରଙ୍କ ଏକକ ଓଡ଼ିଶୀ ନୃତ୍ୟରେ ଜୟ ମହେଷା (ଭଗବାନ ଶିବଙ୍କ ପ୍ରତି ଏକ ଗୀତ), ଯୁଗ୍ମଦ୍ୱନ୍ଦ (ନୃତ୍ୟ ଓ ସଙ୍ଗୀତ ମଧ୍ୟରେ ଆହ୍ୱାନ ଏବଂ ପ୍ରତିକ୍ରିୟା ଗଠନ) ଏବଂ ଅର୍ଦ୍ଧନାରିଶ୍ୱର (ଗତିଶୀଳତା ଏବଂ ମହାଜାଗତିକ ଶକ୍ତିର ସଙ୍ଗମ) ଉପସ୍ଥାପନ କରିଥିଲେ। ଏହାପରେ ଓଡିଶୀ ଯୁଗଳବନ୍ଦୀରେ ଭୁବନେଶ୍ୱରର ନୃତ୍ୟଶିଳ୍ପୀ ବିଭୁ ପ୍ରସାଦ ବେହେରା ଏବଂ ଆକାଂକ୍ଷା ଦାଶ ପ୍ରଥମେ ରାଗ-ଦେଶ ଏବଂ ତାଳ-ଏକାତାଳୀରେ ପଲ୍ଲବୀ ପରେ ପରେ ଶିବ-ରୁଦ୍ର ତାଣ୍ଡବ ଉପସ୍ଥାପନ କରିଥିଲେ। ଶେଷରେ କଟକର ବିଶ୍ୱନାଥ ସଙ୍ଗୀତାଳୟର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଗୋପିକା-ଗୀତାମ୍ ଶ୍ରୀମଦ୍-ଭଗବତମର ଏକ ଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଅଧିକାରୀମାନେ ପରିଚାଳନା କରିଥିବା ବେଳେ ସଂଯୋଜନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ଏବଂ ଡ. ନାଜିଆ ଆଲାମ୍।(ସୁମିତ୍ରା)



# ବାଲକାଟି ବଜାର: ରାସ୍ତା ସମ୍ପ୍ରସାରଣ; ପେଟପାଟଣା ଚିନ୍ତାରେ ବେପାରୀ

ଧଉଳି, ୨୩।୧(ସମିସ): ସମଗ୍ର ଜୟଦେବ ନିର୍ବାଚନମଣ୍ଡଳୀର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେଉଛି ବାଲିଅନ୍ତା ବ୍ଲକ ଅଧୀନ ସରଦେଇପୁର-ନିମାପଡ଼ା ପୂର୍ତ୍ତ ବିଭାଗ ରାସ୍ତା ବାଲକାଟି ବଜାର ସମ୍ପ୍ରସାରଣ ପାଇଁ ଦୋକାନଗୁଡ଼ିକୁ ଉପଯୁକ୍ତ ଥଇଥାନ କରା ନ ଯାଇ ଉଚ୍ଛେଦ କରାଯାଉଥିବାରୁ ୫୦ରୁ ଅଧିକ ବ୍ୟବସାୟୀଙ୍କ ପରିବାର ଏବେ ପେଟପାଟଣା ପାଇଁ ଚିନ୍ତାରେ ପଡ଼ିଛନ୍ତି।

**■ ଖୋଲା ଆକାଶ ତଳେ ପଡ଼ିଛନ୍ତି ୫୦ ବ୍ୟବସାୟୀ.**
**■ ଜୋର ଧରିଲା ଥଇଥାନ ଦାବି**

ଏହି ରାସ୍ତାକଡ଼ରେ ୫ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବିଭିନ୍ନ ପ୍ରକାର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ବଜାରରେ ଘରୋଇ ଉପକରଣ ଠାରୁ ଆରମ୍ଭ କରି ସୌଖିନି ସାମଗ୍ରୀ ସହ ବିଭିନ୍ନ ପର୍ବପର୍ବାଣି ନିମନ୍ତେ ପୋଷାକ ପତ୍ର ସୁଲଭ ଦରରେ ମିଳିଥାଏ। ବିଶେଷକରି ଓଡ଼ିଶା ପ୍ରସିଦ୍ଧ କଂସାପିତ୍ତଳ ସାମଗ୍ରୀ ମଧ୍ୟ ଏଠାରେ ବିକ୍ରି କରାଯାଇଥାଏ। ଏହି ବଜାର ଉପରେ ବାଲିଅନ୍ତା, ବାଲିପାଟଣା, ପିପିଲି, ଭୁବନେଶ୍ୱର ବ୍ଲକର ପ୍ରାୟ ୨୦ ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ମାତ୍ର ବର୍ତ୍ତମାନ ସରଦେଇପୁର-ନିମାପଡ଼ା ରାସ୍ତା ଚାରିଥାକିଆ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ମା' ଦୁଲ୍ଲାଦେବୀ ମନ୍ଦିର ଠାରୁ ମଞ୍ଜରିଦେବୀ କଲେଜ ଏବଂ ବୁଦ୍ଧିପଡ଼ା ଠାରୁ ବାଲିପାଟଣା ବଜାର ପର୍ଯ୍ୟନ୍ତ ଚାରିଥାକିଆ ହେଉଛି। କାର୍ଯ୍ୟ ଅଗ୍ରଗତି ଚାଲିଥିବା ବେଳେ ଉତ୍ତରାରୁ ମା' ଦୁଲ୍ଲାଦେବୀ ମନ୍ଦିର ପର୍ଯ୍ୟନ୍ତ ଦୋହରୀକରଣ କରାଯିବ। ଏଥିପାଇଁ ପୂର୍ତ୍ତବିଭାଗ ପକ୍ଷରୁ ଟେଣ୍ଡର କରାଯାଇଛି। ସେହି ଅନୁସାରେ ବାଲକାଟି ବଜାରକୁ ଦୋହରୀକରଣ ଯିବ।



ଏହାକୁ ଲକ୍ଷ ରଖି ପୂର୍ତ୍ତବିଭାଗ ମହଜୁଦ ଥିବା ନିଜ ଜାଗାକୁ ଜବରଦଖଲ ମୁକ୍ତ କରିବାପାଇଁ ତହସିଲ ପ୍ରଶାସନ ସାହାଯ୍ୟ ଲୋଡ଼ିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ତହସିଲ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ଦୋକାନ ଖାଲି କରିବା ପାଇଁ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଥିଲା। ଚଳିତ ମାସ ୨୧/୨୨ ତାରିଖରେ ଉଚ୍ଛେଦ କରିବା ପାଇଁ ନୋଟିସ ଦେଇଥିଲେ। ତଦନୁଯାୟୀ ଦୋକାନୀ ମାନେ ନିଜ ନିଜ ଦୋକାନରୁ ସାମଗ୍ରୀ ଖାଲି କରିବା ସହ ଦୋକାନ ଆଗରୁ ଟିଣ ଚଦର କାଢ଼ିଛନ୍ତି। ଏଥିସହ ଦୋକାନ କାନ୍ଥ ଭାଙ୍ଗିଛନ୍ତି। ଏଥିରେ କିଛି ବ୍ୟବସାୟୀ ମୂଳ ଦୋକାନ ଆଗରେ ଟିଣ ଚଦର କାଢି ଦେଇଥିବା ବେଳେ କିଛି ବ୍ୟବସାୟୀ ନିଜ ଦୋକାନକୁ ପଛକୁ ନେଇଛନ୍ତି।

ମାତ୍ର ଭାର୍ଗବୀ ସେତୁ ଠାରୁ ଆରମ୍ଭ କରି ବାଲକାଟି ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଏବଂ କଲେଜ ରୋଡ଼ରେ ଥିବା ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ବ୍ୟବସାୟୀମାନେ ସମ୍ପୂର୍ଣ୍ଣ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ପରେ ଏକ ପ୍ରକାର ନିଶ୍ଚିହ୍ନ ହୋଇଯାଇଛି ବାଲକାଟି ବଜାର। ଚାରିଆଡେ କିଟିମିଟି ଅନ୍ଧାର ରାସ୍ତାଘାଟ ଦେଖାଯାଉନାହିଁ। ଉକ୍ତ ରାସ୍ତା ଦେଇ ଯିବାଆସିବା କରିବାକୁ ଭୟ ବି ଲାଗିଲାଣି। ବ୍ୟବସାୟୀ ମାନେ ଏକ ପ୍ରକାର ଜୀବିକା ହରାଇଛନ୍ତି। ଏମାନଙ୍କ ନିକଟରେ ଦୋକାନ ଖୋଲିବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଫଳରେ ସେମାନେ ହାତଗୋଡ଼ ବାନ୍ଧି ଘରେ ବସିବା ସହ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି। ଏପରିକି ଜୀବିକା ନିର୍ବାହ କରିବା ଏବଂ ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ କାଠିକାର ପାଠ ହୋଇପଡ଼ିଛି। ଆର୍ଥିକ ଅଭାବରେ କାଳାତିପାତ କରୁଛନ୍ତି ସେମାନଙ୍କ ପରିବାର। ସମସ୍ତ ବ୍ୟବସାୟୀଙ୍କ ଆଖିରେ ଲୁହ ହିଁ ବୟାନ କରୁଛି ସେମାନଙ୍କ ଦୋକାନ ଭାଙ୍ଗିବାର କଷ୍ଟକର ହୋଇପଡ଼ିଛି। ଆଜିର ବ୍ୟୟବହୁଳ ସମାଜରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପରିବାର ପ୍ରତିପୋଷଣ କରିବା ସହ ଗୁଜୁରାଣ ମେଣ୍ଟାଇବା ନିମନ୍ତେ କିଛି ଯୁବକ ବ୍ୟବସାୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ବ୍ୟବସାୟ କରି ସେମାନଙ୍କ ତେଲଲୁଣ ସଂସାର ଯେନେତେନ ପ୍ରକାରେ ଚଳି ଯାଉଥିଲା। ଏଭଳି ସ୍ଥଳେ ତହସିଲ ପ୍ରଶାସନର ଏହି ନିଷ୍ପତ୍ତି ସେମାନଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। କିଛି ବ୍ୟବସାୟୀ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କରୁ ଋଣ ଏବଂ ହାତ ଉର୍ଦ୍ଧାର ଆଣି ବ୍ୟବସାୟ କରୁଥିବା ବେଳେ ଏଭଳି ଘଟଣା ସେମାନଙ୍କ ଭବିଷ୍ୟତ ଚିନ୍ତାରେ ଅଣନିଶ୍ୱାସୀ ହୋଇଗଲେଣି। ମହଜୁଦ ଥିବା ସରକାରୀ ଜମିରେ ଜରୁରିକାଳୀନ ଭିତ୍ତିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ପ୍ରଭାବିତ ବ୍ୟବସାୟୀଙ୍କୁ ଥଇଥାନ କରିବା ନିମନ୍ତେ ବରିଷ୍ଠ ନାଗରୀକ, ବୁଦ୍ଧିଜୀବୀ ଓ ବ୍ୟବସାୟୀ ମାନେ ସାଂସଦ, ସ୍ଥାନୀୟ ବିଧାୟକ, ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ଆରମ୍ଭ ହେଲା 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ



ଭୁବନେଶ୍ୱର, ୨୩।୧(ସମିସ): ପାର୍ବଣ ଓ ବିବାହ ଋତୁକୁ ଦୃଷ୍ଟିରେ ରଖି ଓଡ଼ିଶା କଳା ଓ ଶିଳ୍ପ ପକ୍ଷରୁ ସ୍ଥାନୀୟ ହୋଟେଲ ପ୍ରାଚୀରେ 'ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ' ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ପ୍ରକାରର ରେଶମ ଶାଢ଼ୀ ଗୋଟିଏ ସ୍ଥାନରେ ପ୍ରଦାନ କରିବା ଉଦ୍ଦେଶ୍ୟରେ ଫେବୃଆରୀ ୧ତାରିଖ ଯାଏ ୧୦ଦିନ ଧରି ଚାଲିବାକୁ ଥିବା ଏହି ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ୧୩ଟି ରାଜ୍ୟର ହସ୍ତତନ୍ତ ଶାଢୀ ମୁଖ୍ୟ ଆକର୍ଷଣ ପାଲଟିଛି। ଏଥିରେ ୮୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ରେଶମ ଶାଢୀ, ସୁଟ୍, ଡ୍ରେସ୍ ସାମଗ୍ରୀ, ଷ୍ଟୋଲ, କୁର୍ତ୍ତୀ, ଦୁପଟ୍ଟା, କୁର୍ତ୍ତା, ଜୋତା ଏବଂ ଘରୋଇ ସାଜସଜ୍ଜା ସାମଗ୍ରୀ ଆଦି ପ୍ରଦର୍ଶିତ ହେବା ସହ ଶାଢ଼ିର ଏକ ଉତ୍କୃଷ୍ଟ ସଂଗ୍ରହ ଦେଖିବାକୁ ମିଳିବ। ଯେଉଁଥିରେ ଓଡ଼ିଶାର ସମ୍ବଲପୁରୀ ଇକତ ରେଶମ, ବିହାରର ଜୈବିକ ଟସର ସିଲ୍କ, ଆସାମର ମୁଗା ଏବଂ ଏରି ସିଲ୍କ, କର୍ଣ୍ଣାଟକର କ୍ରେପ, ଜର୍ଜେଟ ଏବଂ ଅରାନୀ ସିଲ୍କ, ତାମିଲନାଡୁର କାଚିପୁରମ୍ ସିଲ୍କ, ଉତରପ୍ରଦେଶର ମଲବେରୀ, ଜାମାୱାର ଏବଂ ଜାମଦାନୀ ସିଲ୍କ, ଛତିଶଗଡ଼ର କୋସା ସିଲ୍କ, ଜାମ୍ମୁ କାଶ୍ମୀରର ଚିନାର ଏବଂ ଟେଡି ସିଲ୍କ, ରାଜସ୍ଥାନର କୋଟା ସିଲ୍କ, ପଞ୍ଜାବର ଫୁଲକାରୀ ପୋଷାକ ସହିତ ଅନ୍ୟାନ୍ୟ ରାଜ୍ୟର ରେଶମ ଏବଂ ପୋଷାକ ସାମଗ୍ରୀ ରହିଛି। ଏହି ଅବସରରେ ମଡେଲମାନେ ରାମ୍ପ ୱାକ୍ ମାଧ୍ୟମରେ ଭାରତର ୧୫୦ରୁ ଅଧିକ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଶାଢୀ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା କଳା ଓ ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ମାନସ ଆଚାର୍ଯ୍ୟ କହିଛନ୍ତି, ରେଶମ ବୁଣାର ପାରମ୍ପରିକ କଳାକୁ ବଞ୍ଚାଇ ରଖିବା ପାଇଁ ସଂଗଠନ ଅନେକ ବର୍ଷ ଧରି ନିରନ୍ତର କାର୍ଯ୍ୟ କରିଆସୁଛି। ଦେଶର ବିଭିନ୍ନ ପ୍ରାନ୍ତରୁ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାରର ରେଶମ ସଂଗ୍ରହ ପ୍ରଦର୍ଶନୀରେ ପ୍ରଦର୍ଶିତ ହେଉଛି। ରେଶମ ଶାଢ଼ି ଉପରେ ସ୍ୱତନ୍ତ୍ର ରିଆତି ରହିଥିବା ସେ କହିଛନ୍ତି। ପ୍ରତିଦିନ ସକାଳ ୧୦ଟା ୩୦ ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ।

## ଭ୍ୟାଲେଣ୍ଟାଇନ ୱିକ୍‌ରେ ଆସିବ 'ବର ବଧୂ'



ଭୁବନେଶ୍ୱର, ୨୩।୧(ସମିସ): ଇଭେଣ୍ଟ ସ୍କୋୟାରରେ ନୂଆ ଓଡ଼ିଆ ସିନେମା 'ବର ବଧୂ'ର ମ୍ୟୁଜିକ୍ ରିଲିଜ୍ ହୋଇଯାଇଛି। ଏଥିରେ ଚଳଚ୍ଚିତ୍ରର ସମସ୍ତ ଷ୍ଟାରକାଷ୍ଟ ଏବଂ ସଙ୍ଗୀତ କ୍ରୁ ସଦସ୍ୟମାନେ ଉପସ୍ଥିତ ଥିଲେ। ଦ ଯୁଜଫୁଲ ଗାର୍ବେଜ କ୍ରିଏସନ୍ସ ବ୍ୟାନରରେ ନିର୍ମିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ବିଶ୍ୱରଞ୍ଜନ ଏବଂ ପ୍ରଯୋଜକ ଚନ୍ଦ୍ରମଣି ରହିଥିବା ବେଳେ କଣ୍ଟ୍ରି ବଏଜ ଷ୍ଟୁଡିଓଜ ଓ ଶର୍ପଲିନ ଫିଲ୍ମ ପ୍ରାଇଭେଟ ଲିମିଟେଡ ସହଯୋଗ କରିଛନ୍ତି। ତେବେ ସିନେମାରେ ଗୌରବ ଆନନ୍ଦ ଏବଂ ଭାରତ ହିତାର୍ଥୀ। ଜେ. ପି ୱାର୍ଡସ୍ମିଥ, ସ୍ମିତ ପଟ୍ଟନାୟକ, ସୁମିତ ପଣ୍ଡା, ଡି ସୁପ୍ରଭା, ଫୋନିକ୍ସ ଓ ସୁନୀଲ ପରିଡ଼ାଙ୍କ ସଙ୍ଗୀତରେ କଣ୍ଠଦାନ କରିଛନ୍ତି ପାପନ, କ୍ରିଷ୍ଣା ବେଉରା, ଅନନ୍ୟା ଶ୍ରୀତମ ନନ୍ଦ, ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ, ଆଶିଷ ପ୍ରଧାନ, ଅନୁରାଗ ଦାସ, ଓ ଶୁଭଶ୍ରୀ ଜେନା। ତେବେ ଫିଲ୍ମର ଗୀତକୁ ଉପସ୍ଥିତ ଦର୍ଶକ ବେଶ ପସନ୍ଦ କରିଛନ୍ତି। ସିନେମାରେ ସୁଭାଶିଷ ଶର୍ମା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ଜୟଶ୍ରୀ ଷଡ଼ଙ୍ଗୀ, ହର ରଥ ଓ ଭାସ୍ୱତୀ ବସୁ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପ୍ରେମ, ପରମ୍ପରା ଓ ମୂଲ୍ୟବୋଧ ଆଧାରରେ ଗଭୀର ଭାବେ ଗଢ଼ିଉଠିଥିବା ଏକ ହୃଦୟସ୍ପର୍ଶୀ କାହାଣୀକୁ ନେଇ 'ବର ବଧୂ' ଦର୍ଶକମାନଙ୍କୁ ଏକ ଭାବପ୍ରବଣ ସିନେମାର ଅନୁଭୂତି ପ୍ରଦାନ କରିବ ବୋଲି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ପ୍ରେମ ଦିବସକୁ ଦୃଷ୍ଟିରେ ରଖି ଆସନ୍ତା ଫେବୃଆରୀ ୧୩ ତାରିଖରେ ସର୍ବ ଭାରତୀୟ ସ୍ତରରେ 'ବର ବଧୂ' ମୁକ୍ତିଲାଭ କରିବ।

## ଆତ୍ମନିର୍ଭର ଭାରତ ପାଇଁ ଜାତୀୟ ଉତ୍କୃଷ୍ଟତା ପୁରସ୍କାର

ଭୁବନେଶ୍ୱର, ୨୩।୧(ସମିସ): ଏଆଇସିଟିଇ ଓ ସମିଟ୍ ଇଣ୍ଡିଆ ପକ୍ଷରୁ 'ଆତ୍ମନିର୍ଭର ଭାରତ ସହିତ ଜାତୀୟ ଉତ୍କୃଷ୍ଟତା ପୁରସ୍କାର ୨୦୨୬' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ହୋଟେଲ୍ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆତ୍ମନିର୍ଭର ଭାରତ ଗଠନରେ ଅବଦାନ ରଖୁଥିବା ବିଭିନ୍ନ କ୍ଷେତ୍ରର ଉତ୍କୃଷ୍ଟ ବ୍ୟକ୍ତିତ୍ୱ ଓ ସଂସ୍ଥାଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଛନ୍ତି ଯେ ଆତ୍ମନିର୍ଭର ଭାରତ ଗଠନ ପାଇଁ ଦେଶରେ ଅନୁକୂଳ ବାତାବରଣ ରହିଛି। ସରକାରୀ ପ୍ରୋତ୍ସାହନ ସହ ଉନ୍ନତ ଜ୍ଞାନକୌଶଳକୁ ଉପଯୋଗ କରି ନିଜର ଯୋଗଦାନ ରଖିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସମିଟ୍ ଇଣ୍ଡିଆର ଅଧ୍ୟକ୍ଷ ଶ୍ୟାମ ଜାଜୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମିଟ୍ ଇଣ୍ଡିଆର ଆନ୍ତର୍ଜାତୀୟ ଶାଖା ଅଧ୍ୟକ୍ଷ ବିଜୟ ସାମ୍ପଲା, ସମିଟ୍ ଇଣ୍ଡିଆର ଉପାଧ୍ୟକ୍ଷ ତଥା ଅବସରପ୍ରାପ୍ତ ବିଚାରପତି ଲୋକପାଳ ସିଂହ, ସାଧାରଣ ସମ୍ପାଦକ ପ୍ରଫେସର ମହେଶ ବର୍ମା ପ୍ରମୁଖ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କ ଉଦାହରଣ ଦେଇ ରାଜ୍ୟ ଓ ଦେଶକୁ ଆତ୍ମନିର୍ଭର କରିବାରେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୪୭ ସୁଦ୍ଧା ଦେଶକୁ ଆତ୍ମନିର୍ଭର ଓ ବିକଶିତ କରିବା ପାଇଁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ଦେଶକୁ ପ୍ରମୁଖ ବୈଶ୍ୱିକ ଅର୍ଥନୀତିରେ ପରିଣତ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ନୀତିନିର୍ଦ୍ଦେଶକ, ଶିକ୍ଷାବିତ, ଶିଳ୍ପପତି, ସାମାଜିକ କର୍ମୀ ଏକତ୍ରିତ ହୋଇ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ଅନୁସାରେ ଦେଶର ଉନ୍ନତି, ନବୋନ୍ମେଷ ଓ ସ୍ୱୟଂନିର୍ଭରତା ସମ୍ପର୍କରେ ଆଲୋଚନା କରିଛନ୍ତି। ସେହିପରି ସାମାଜିକ, ଆର୍ଥିକ ଓ ପ୍ରାଯୁକ୍ତିକ ଉନ୍ନତି ସହିତ ଅସାଧାରଣ କାର୍ଯ୍ୟଦକ୍ଷତା, ଦୃଢ଼ ନେତୃତ୍ୱ ଓ ନିଷ୍ଠା ପ୍ରଦର୍ଶନ କରିଥିବା ବ୍ୟକ୍ତି ଓ ସଂସ୍ଥାମାନଙ୍କୁ 'ଜାତୀୟ ଉତ୍କୃଷ୍ଟତା ପୁରସ୍କାର୨୦୨୬'ରେ ସମ୍ମାନିତ କରାଯାଇଛି।



## ଆନନ୍ଦମାର୍ଗ ଯୋଗ ସାଧନା ଆଲୋଚନାଚକ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୨୩।୧(ସମିସ): ଆନନ୍ଦ ମାର୍ଗ ପ୍ରଚାରକ ସଂଘ, ଭୁବନେଶ୍ୱର ଶାଖା ତରଫରୁ ନୂଆପଲ୍ଲୀ ବେହେରାସାହି ସ୍ଥିତ ଶ୍ରୀକୃଷ୍ଣ କ୍ଲବ ପରିସରରେ ଶୁକ୍ରବାର ଏକ ତ୍ରିଦିବସୀୟ ଯୋଗ ସାଧନା ସେମିନାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ରବିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଯୋଗ ସାଧନା ପ୍ରଶିକ୍ଷକ ଆଚାର୍ଯ୍ୟ ବିଶୁଦ୍ଧାୟାନନ୍ଦ ଅବଧୂତ ଯୋଗ ଦେଇଛନ୍ତି। ଏହି ତ୍ରିଦିବସୀୟ ଶିବିରରେ ଯୋଗ ସାଧନା ମାଧ୍ୟମରେ ବ୍ୟକ୍ତିର ଶାରୀରିକ ସୁସ୍ଥତା ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ପ୍ରଶିକ୍ଷଣ ଦିଆଯିବ। ଏହି ଶିବିରରେ ଆଚାର୍ଯ୍ୟ ବିନୟକୃଷ୍ଣାନନ୍ଦ ଅବଧୂତ ଓ ଅବଧୂତିକା ଆନନ୍ଦ ରୁପାତିତା ଆଚାର୍ଯ୍ୟା କାର୍ଯ୍ୟକ୍ରମ ନେତୃତ୍ୱ ନେଉଛନ୍ତି। ଆନନ୍ଦ ମାର୍ଗ ପ୍ରଚାରକ ସଂଘ ଓଡ଼ିଶା ପ୍ରଦେଶର ଅଧ୍ୟକ୍ଷ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଷଡ଼ଙ୍ଗୀ, ଆଚାର୍ଯ୍ୟ ନଟବର ବେହେରା, ବିଷ୍ଣୁ ଚରଣ ରାଉତ ଓ ହର୍ଷବର୍ଦ୍ଧନ ଲେଙ୍କା ଏହି ଶିବିରକୁ ପରିଚାଳନା କରୁଛନ୍ତି।

## ବୃଦ୍ଧାଶ୍ରମରେ ବସ୍ତ୍ର ବାଣ୍ଟିଲେ ପୁରାତନ ଛାତ୍ରଛାତ୍ରୀ




ବଡରଘୁନାଥପୁର, ୨୩।୧(ସମିସ): ଭୁବନେଶ୍ୱର ଉପକଣ୍ଠ ୧୯୯୫ ମସିହାର ମଦନପୁର ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନେ ନୂଆ ବର୍ଷରେ ନୂଆ ପ୍ରୟାସ ଆରମ୍ଭ କରିଛନ୍ତି। ସରସ୍ୱତୀ ପୂଜା ଅବସରରେ ମଦନପୁର ବିଦ୍ୟାଳୟର ୧୯୯୫ ମସିହାର ପୁରାତନ ଛାତ୍ରଛାତ୍ରୀମାନେ ପାଇକରାପୁର ସ୍ଥିତ ଫୁଲ ଡମ୍ବରୁ ବୃଦ୍ଧାଶ୍ରମରେ ସମସ୍ତ ଛାତ୍ରଛାତ୍ରୀମାନେ ଅନ୍ତେବାସୀଙ୍କ ପାଇଁ ଅନ୍ନଦାନ ଏବଂ ବସ୍ତ୍ର ପ୍ରଦାନ କରିଥିଲେ।

## ବକ୍ତୃତା ଓ ଛାନ୍ଦ ପ୍ରତିଯୋଗିତା



ଭୁବନେଶ୍ୱର, ୨୩।୧(ସମିସ): ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ସମାରୋହ ଅବସରରେ ଉତ୍କଳୀୟ ସ୍ୱାଭିମାନ ଅନୁଷ୍ଠାନ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଆଲୁମ୍ନି ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ କବିତା ଓ ଛାନ୍ଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତା ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଜାଭିଆୟର ଅନ୍ତଃରାଷ୍ଟ୍ରୀୟ ବିଦ୍ୟାଳୟଠାରେ ଅଭିମନ୍ୟୁଙ୍କ କାବ୍ୟ ଓ କବିତା ଉପରେ ଆଧାରିତ ବିଷୟବସ୍ତୁକୁ ନେଇ ଆୟୋଜିତ ହୋଇଛି। ଏଥିସହିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅଭିମନ୍ୟୁଙ୍କ ବିରଚିତ ଛାନ୍ଦ ଗାୟନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁୟାରୀ ୨୭ ତାରିଖରେ ଜୟଦେବ ଭବନରେ ଅନୁଷ୍ଠିତ ହେବାକୁ ଥିବା ଅଭିମନ୍ୟୁ ଗୀତାଞ୍ଜଳି, କାବ୍ୟାଲୋଚନା ଓ ସମ୍ବର୍ଦ୍ଧନା ଉତ୍ସବରେ ମନ୍ତ୍ରୀ ଓ ଅନ୍ୟାନ୍ୟ ବିଶେଷ ଅତିଥିମାନଙ୍କ ଉପସ୍ଥିତିରେ ପରିସ୍କୃତ କରାଯିବ। ଏହି ସମାରୋହରେବିଦଗ୍ଧକବିଙ୍କଛାନ୍ଦଉପରେଆଧାରିତଅଭିମନ୍ୟୁଗୀତାଞ୍ଜଳିସଙ୍ଗୀତକାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉତ୍କଳୀୟ ସ୍ୱାଭିମାନର ଅଧକ୍ଷ ମନୋଜ ନାୟକ ସୂଚନା ଦେଇଛନ୍ତି।

## ୩ୟ ଟମ ଓଗାଳପଡ଼ା ପ୍ରିମିୟର ଲିଗ୍

ଯାଁଳା, ୨୩।୧(ସମିସ): ଯାଁଳା ପଞ୍ଚାୟତ ଓଗାଳପଡ଼ା ଠାରେ ବାବା ମୃଗେଶ୍ୱର କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ଟମ ଓଗାଳପଡ଼ା ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଅଛି। ପ୍ରଥମ ଲିଗରେ ଭିଣ୍ଟେଜ୍ ଇଲେଭେନ୍ ବନାମ ସୁପର ଷ୍ଟାଇ କର୍ ମଧ୍ୟରେ ଖେଳା ଯାଇଥିବା ମ୍ୟାଚରେ ଭିଣ୍ଟେଜ୍ ଇଲେଭେନ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛି, ପ୍ରଥମେ ଭିଣ୍ଟେଜ୍ ଇଲେଭେନ୍ ୧୭୦ ରନ୍ ବିନିମୟରେ ୩ ଉଇକେଟ୍ ସଂଗ୍ରହ କରିଥିଲା, ୧୭୧ ରନ୍ ବିଜୟ ଲକ୍ଷ୍ୟ ନେଇ ସୁପର୍ ଷ୍ଟାଇ କର୍ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ଓଭର୍ ୮ ଉଇକେଟ ହରାଇ ୧୨୦ ରନ୍ କରି ମ୍ୟାଚ୍ ଟିକୁ ହରାଯାଇଥିଲା। ଆଜି ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ୍ ସୁଭ ବେହେରା ବିବେଚିତ ହୋଇଥିଲେ। ସେହିପରି ମ୍ୟାଚ୍‌ର ଦ୍ୱିତୀୟ ପ୍ରିମିୟର ଲିଗରେ ସାଇନା ଇଲେଭେନ୍ ବନାମ ଭୁଆସୁଣି ୱାରିଅର୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଭୁଆସୁଣି ୱାରିଅର୍ କ୍ୱାର୍ଟର୍ ଫାଇନାଲ୍ ରେ ପ୍ରବେଶ କରିଛି। ଭୁଆସୁଣି ୱାରିଅର୍ ପ୍ରଥମେ ବ୍ୟାଟିଙ୍ଗ କରି ୧୬୦ ରନ୍ ବିନିମୟରେ ୪ ଉଇକେଟ ସଂଗ୍ରହ କରିଥିଲା। ୧୬୨ ରନ୍ ବିଜୟ ଲକ୍ଷ୍ୟ ନେଇ ସାଇନା ଇଲେଭେନ୍ ବ୍ୟାଟି ଆରମ୍ଭ କରି ନିର୍ଦ୍ଧାରିତ ଓଭର ୫ ଉଇକେଟ୍ ହରାଇ ୧୩୪ ରନ୍ କରି ମ୍ୟାଚଟିକୁ ହାରି ଯାଇଥିଲା। ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିକାଶ ବରାଳ ବିବେଚିତ ହୋଇଥିଲେ। ଆଜି ମ୍ୟାଚ୍‌ର ଅତିଥି ଥିଲେ ପ୍ରଧାନ ଶିକ୍ଷୟତ୍ରୀ ଜୟଶ୍ରୀ ନାୟକ, ସମାଜ ସେବି ଶରତ ସାହୁ, ତ୍ରିନାଥ ବେହେରା, ବିଷ୍ଣୁପ୍ରସାଦ ଦଳେଇ।

## ମହର୍ଷି କଲେଜର ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୨୩।୧(ସମିସ): ସହିଦ ନଗରରସ୍ଥିତ ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଜିତେନ୍ଦ୍ରନାଥ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ନୀତିବୋଧ ଓ ଜୀବନମୂଲ୍ୟ ଉପରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସଂଯୋଜିକା ଡ. ଜ୍ୟୋତିର୍ମୟୀ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେ କଲେଜର ଅଧ୍ୟକ୍ଷା ବୈଶାଳୀ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ପରେ ପରେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଓଡ଼ିଆ ବିଭାଗର ମୁଖ୍ୟ ଡ. ଉର୍ମି ଦେବୀ ଧନ୍ୟବାଦ ଦେଇଥିଲେ।

# ବିକୃତ ହୋଇଗଲାଣି ମହାପୁରୁଷଙ୍କ ପ୍ରତିଛବି

ଭୁବନେଶ୍ୱର, ୨୩।୧(ସମିସ): ସହରର ସରକାରୀ ଓ ବେସରକାରୀ ପ୍ରାଚୀର ସହିତ ଓଭରବ୍ରିଜ୍, ଅଣ୍ଡରପାସ୍‌କୁ ପାରମ୍ପରିକ ଓ ଶିକ୍ଷଣୀୟ ଚିତ୍ର ସମେତ ମହାପୁରୁଷଙ୍କ ପ୍ରତିଛବି ଚିତ୍ରଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ କେଉଁଠାରେ ସେଗୁଡ଼ିକ ବିକୃତ ହୋଇଗଲେଣି

**କାହାର ମୁହଁ ଲିଭିଲାଣି ତ କାହାର ନାଁ ନାହିଁ**

ତ ଆଉ କେଉଁଠି ଅଧା ଲିଭି ଗଲାଣି। ବିଶେଷକରି ଉତ୍କଳ ପ୍ରଦେଶ ଗଠନ ସହ ଓଡ଼ିଆ ଜାତି ପାଇଁ ଗୌରବ ଆଣି ଦେଇଥିବା ମହାପୁରୁଷଙ୍କ ଚିତ୍ର ଓ ନିଜ ଲେଖନୀ ମୁନରେ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଥିବା ସ୍ରଷ୍ଟାଙ୍କ ପ୍ରେରଣାଦାୟୀ ଲେଖାକୁ ଚିତ୍ରିତ କରି ଅତୀତର ଗୌରବମୟ ଅଧ୍ୟାୟକୁ ରୋମନ୍ଥନ ପ୍ରୟାସ କରାଯାଇଛି। ରକ୍ଷଣାବେକ୍ଷଣା ଅଭାବରୁ ଏହି ପ୍ରୟାସ ବାଟବଣା ହେବାରେ ଲାଗିଛି।

ଶିକ୍ଷଣୀୟ ବାର୍ତ୍ତା ସ୍ୱରପ ଯେଉଁ ମହାପୁରୁଷଙ୍କ ଚିତ୍ର ପ୍ରାଚୀରରେ ଅଙ୍କା ଯାଇଥିଲା। ତାହା ଏବେ ବିଡ଼ମ୍ବିତ ହୋଇପଡ଼ିଛି। ବିଶେଷ କରି ମହାପୁରୁଷଙ୍କ ଚିତ୍ର ଏବେ ଲିଭିବାରେ ଲାଗିଲାଣି। କାହାର ମୁହଁ ଲିଭିଲାଣି ତ କାହାର ମୁହଁ ଥିଲେ ନାଁ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ସୂର୍ଯ୍ୟନଗର ଅଞ୍ଚଳରେ ଥିବା ଲୋକଭବନ ପାଚେରୀରେ ଅଙ୍କାଯାଇଥିବା ପ୍ରାୟ ୨ଶହରୁ ଅଧିକ ମହାପୁରୁଷଙ୍କ ଚିତ୍ର ଏବେ ଲିଭିଗଲାଣି ତ ଆଉ କାହାର ନାଁ ମଧ୍ୟ ନାହିଁ। ଯାହାଦ୍ୱାରା ଦେଶ ବିଦେଶରୁ ରାଜଧାନୀକୁ ବୁଲି ଆସୁଥିବା ଆଗନ୍ତୁକ ମାନେ ଏହା ଦେଖି ଉପହାସ କରୁଛନ୍ତି ଓ ଏକ ନକରାତ୍ମକ ମନୋଭାବ ନେଇ ଫେରୁଛନ୍ତି। ଏଥିସହିତ କଳିଙ୍ଗଷ୍ଟୁଡ଼ିଓ ଛକରୁ ଫାୟାର ଷ୍ଟେସନ ଆଡ଼କୁ ଆସିବା ବାଟରେ ମଧ୍ୟ ଅନେତ ମହାପୁରୁଷଙ୍କ ଚିତ୍ରଣ ସହ ଶିକ୍ଷଣୀୟ ବାର୍ତ୍ତା ରହଥିବା ବେଳେ ପ୍ରଶାନ୍ତି ବାହାର, କଳିଙ୍ଗ ହସ୍ପିଟାଲ, ନୂଆପଲ୍ଲୀ, ଆଇଆରସି ଭିଲେଜ୍, ଯିବା ରାସ୍ତାରେ ମଧ୍ୟ ଅନେକ ମହାପୁରୁଷଙ୍କ ଚିତ୍ରଣ ରହିଛି। ହେଲେ ଏହି ସବୁ ଚିତ୍ରଣକୁ ଏବେ ଚିହ୍ନି ହେଉନାହିଁ।

ବର୍ତ୍ତମାନରୁ ଯୁବପିଢ଼ି ପାଶ୍ଚାତ୍ୟ ସଭ୍ୟତା ପଛରେ ଗୋଡ଼ାଉଛନ୍ତି। ନିଜ ପରମ୍ପରା ସଂସ୍କୃତିକୁ ଭୁଲି ପାଶ୍ଚାତ୍ୟ ଦେଶର ପରମ୍ପରା ସଂସ୍କୃତି, ବେଷଭୂଷାକୁ ଆଦରିବାରେ ଲାଗିଛନ୍ତି। ପାଶ୍ଚାତ୍ୟ ପଛରେ ଗୋଡ଼ାଉଥିବା ଯୁବପିଢ଼ିଙ୍କ ମନରେ ଉତ୍କଳର ଗରିମାକୁ ବଜାଇ ରଖିବା ପାଇଁ ପୂର୍ବ ସରକାର ପ୍ରଚୀର ଅଙ୍କନର ଏକ ଭିନ୍ନ ପ୍ରୟାସ ଆରମ୍ଭ କରିଥିଲେ। ଏହି ଚିତ୍ରଣକୁ ବି ରାଜଧାନୀବାସୀ ବେଶ୍ ପସନ୍ଦ କରିଥିଲେ। ଏଥିସହିତ ରାଜଧାନୀକୁ ଦେଖି ଅନ୍ୟ ସହରମାନଙ୍କରେ ମଧ୍ୟ ଏହିଭଳି ପ୍ରାଚୀର ମାନଙ୍କରେ ଚିତ୍ରଣ କରାଯାଇଥିଲା।



